# ଯୋଜନା ଓ ସମନ୍ୱୟ ବିଭାଗ କାର୍ଯ୍ୟାବଳୀ : ୨୦୧୦-୨୦୧୧

***

୧.୧ ରାଜ୍ୟର ସାମୁହିକ ବିକାଶ ପାଇଁ ଫଳପ୍ରଦ ତଥା ପୋଷଣୀୟ ପନ୍ଥା ନିର୍ଦ୍ଧାରଣରେ ସର୍ବୋପରି ଉଭୟ ଦୀର୍ଘ ମିଆଦି ଓ ସ୍ୱଳ୍ପମିଆଦି ରଣନୀତି ପ୍ରସ୍ତୁତିକ୍ଷେତ୍ରରେ ଯୋଜନା ଓ ସମନ୍ୱୟ ବିଭାଗର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । କହିବା ବାହୁଲ୍ୟ, ଏହି ବିଭାଗ ରାଜ୍ୟର ବିକାଶ ପାଇଁ ବିଭିନ୍ନ ନୀତି ପ୍ରଣୟନ ସହ ଉନ୍ନତିମୂଳକ ମୁଖ୍ୟ ଢାଞ୍ଚା ପ୍ରସ୍ତୁତ କରେ । ଏତଦ୍‌ବ୍ୟତୀତ, ବିଭିନ୍ନ ବିଭାଗ ସହ ସମନ୍ୱୟ ସ୍ଥାପନ ପାଇଁ ଏହି ବିଭାଗ ଏକ ସଂଯୋଗ ସେତୁ କହିଲେ ଅତ୍ୟୁକ୍ତି ହେବନାହିଁ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ଆବଶ୍ୟକତା, ଆଶା-ଆକାଙ୍‌କ୍ଷା ସର୍ବୋପରି ରାଜ୍ୟର ସର୍ବାଙ୍ଗୀନ ଉନ୍ନତିକୁ ଦୃଷ୍ଟିରେ ରଖି ଯୋଜନା କମିଶନ୍ ଏବଂ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ବାର୍ଷିକ ଯୋଜନା ଓ ପଞ୍ଚବାର୍ଷିକ ଯୋଜନା ପ୍ରଣୟନରେ ଯୋଜନା ଓ ସମନ୍ୱୟ ବିଭାଗ ଏକ ଅନିବାର୍ଯ୍ୟ ତଥା ଅନନ୍ୟ ଦାୟିତ୍ୱ ନିର୍ବାହ କରିଥାଏ ।

୧.୨ ଏହି ବିଭାଗ ଯୋଜନା ଆଭିମୁଖ୍ୟର ପୂର୍ଣ୍ଣ ରୂପାୟନ ନିମନ୍ତେ ଯୋଜନା କାର୍ଯ୍ୟକ୍ରମଗୁଡିକର ନିୟମିତଭାବେ ପର୍ଯ୍ୟାଲୋଚନା କରି ସେଥିପାଇଁ ଥିବା ବ୍ୟୟବରାଦ ଏବଂ କାର୍ଯ୍ୟସୂଚିରେ ଆବଶ୍ୟକୀୟ ପରିବର୍ତ୍ତନ କରିଥାଏ । ଏହି ବିଭାଗ ମଧ୍ୟ ବିଭିନ୍ନ ସମୟରେ ବିଭିନ୍ନ ଉନ୍ନୟନ ଯୋଜନାର ମୂଲ୍ୟାୟନ କରିଥାଏ ।

୧.୩ ଯୋଜନା ଓ ସମନ୍ୱୟ ବିଭାଗ ଆଞ୍ଚଳିକ ଉନ୍ନୟନ କାର୍ଯ୍ୟକ୍ରମର ବିକେନ୍ଦ୍ରୀକରଣକୁ ପ୍ରୋତ୍ସାହିତକରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ନୀତି ନିର୍ଦ୍ଧାରଣ କରିଥାନ୍ତି । ଯୋଜନାର ବିକେନ୍ଦ୍ରୀକରଣ କରିବାପାଇଁ ଅନେକଗୁଡିଏ ପଦକ୍ଷେପ

ନିଆଯାଇଛି । ରାଜ୍ୟର ସବୁ ଜିଲ୍ଲାରେ ଜିଲ୍ଲା ଯୋଜନା କମିଟିମାନ ଗଠନ କରାଯାଇଛି ।

୧.୪ ପଶ୍ଚିମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ କରାଯାଇଛି । ଏଥିସହିତ ଅବିଭକ୍ତ କୋରାପୁଟ୍, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର ଉନ୍ନୟନପାଇଁ ଏକ ଦୀର୍ଘମିଆଦି ଯୋଜନା ଏହି ବିଭାଗ କାର୍ଯ୍ୟକାରୀ କରୁଅଛି । ଏହି ଯୋଜନାର କାର୍ଯ୍ୟକାରିତା ଓ ସୁପରିଚାଳନା ମଧ୍ୟ ଏହି ବିଭାଗର ଦାୟିତ୍ୱ। ସଂପ୍ରତି ରାଜ୍ୟ ସରକାର ଏକାଦଶ ପଞ୍ଚବାର୍ଷିକ ଯୋଜନା ଅବଧିରେ ୮ ଗୋଟି କେ.ବି.କେ. ଜିଲ୍ଲା ପାଇଁ "ବିଜୁ କେ.ବି.କେ ଯୋଜନା" ଏବଂ କନ୍ଧମାଳ ଓ ଗଜପତି ଜିଲ୍ଲା ପାଇଁ "ବିଜୁ କନ୍ଧମାଳ ଓ ଗଜପତି ଯୋଜନା" ନାମରେ ଦୁଇଟି ନୂତନ ଯୋଜନା ଆରମ୍ଭ କରିଛନ୍ତି । ଏଥିରେ "ବିଜୁଳି", "ସଡକ" ଏବଂ "ପାଣି" କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଉଛି। ଏତଦ୍‌ବ୍ୟତୀତଦାରିଦ୍ର୍ୟ ଏବଂ ମାନବ ବିକାଶ ସୂଚକଗୁଡିକର ପର୍ଯ୍ୟବ୍ୟକ୍ଷଣ କରିବା ପାଇଁ ରାଜ୍ୟରେ ଏକ ''ଦାରିଦ୍ର୍ୟ ଏବଂ ମାନବ ବିକାଶ ପର୍ଯ୍ୟାଲୋଚନା ସଂସ୍ଥା'' ସ୍ଥାପିତ ହୋଇଛି ।

୧.୫ ଏହି ବିଭାଗ ରାଜ୍ୟରେ କର୍ମ ନିଯୁକ୍ତି ଓ ବେକାର ସମସ୍ୟାର ପର୍ଯ୍ୟାଲୋଚନାକରିବା ସଙ୍ଗେ ସଙ୍ଗେ ନୂତନ କର୍ମ ନିଯୁକ୍ତି ସୃଷ୍ଟି ତଥା ବେକାରୀ ସମସ୍ୟା ହ୍ରାସପାଇଁ ଉପଯୁକ୍ତ ନୀତି ନିର୍ଦ୍ଧାରଣ କରିଥାଏ। ଏଥିରେ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟିକରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ ।

୧.୬ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ମାଧ୍ୟମରେ ଏହି ବିଭାଗ ବିଭିନ୍ନ ଉନ୍ନୟନ ଓ ତଦ୍ ସମ୍ବନ୍ଧୀୟ କାର୍ଯ୍ୟର ତଥ୍ୟ ସଂଗ୍ରହ, ସମିଶ୍ରଣ ତଥା ବିଶ୍ଳେଷଣ କାର୍ଯ୍ୟ କରିଥାଏ ।

୧.୭ ଯୋଜନା କାର୍ଯ୍ୟକ୍ରମ ବ୍ୟତୀତ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରିବାପାଇଁ ବିଭାଗୀୟ ସଚିବମାନଙ୍କର ଆଲୋଚନା ସଭା ଏହି ବିଭାଗଦ୍ୱାରା ସଙ୍ଗଠିତ ହୋଇଥାଏ । ଏହି ବିଭାଗ, ସଚିବ ଓ ବିଭାଗୀୟ ମୁଖ୍ୟମାନଙ୍କର ଗସ୍ତ ବିବରଣୀ ତଥା ଜିଲ୍ଲାପାଳମାନଙ୍କର ପାକ୍ଷିକ ଗୁପ୍ତତଥ୍ୟ ବିବରଣୀକୁ ପର୍ଯ୍ୟାଲୋଚନା

କରିଥାଏ । ସେହିପରି ଏହି ବିଭାଗ ସଚିବ ତଥା ବରିଷ୍ଠ ଅଧିକାରୀମାନଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ବିବରଣୀର ପର୍ଯ୍ୟାଲୋଚନା ଏବଂ ତଦ୍ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ସମ୍ପୃକ୍ତ ବିଭାଗ ମାନଙ୍କ ମାଧ୍ୟମରେ କରିଥାଏ । ସମସ୍ତ ଜିଲ୍ଲାଗୁଡିକର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକରିବା ହେଉଛି ଯୋଜନା ଓ ସମନ୍ୱୟ ବିଭାଗର ମଧ୍ୟ ଅନ୍ୟତମ ପ୍ରମୁଖ କାର୍ଯ୍ୟ ।

୧.୮ ଆଉ ମଧ୍ୟ ଏହି ବିଭାଗ ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା କରିବାପାଇଁ ବିଭିନ୍ନ ନୀତିନିୟମ ନିର୍ଦ୍ଧାରଣ କରିଥାଏ ।

## ୨. ରାଜ୍ୟ ଯୋଜନା

### ଏକାଦଶ ପଞ୍ଚବାର୍ଷିକ ଯୋଜନା (2007-12) ଓ ବାର୍ଷିକ ଯୋଜନା:

୨.୧ ଏକ ଅବିରତ ତଥା ଉଚ୍ଚତର ସର୍ବାଭୀମୁଖି ଅର୍ଥନୈତିକ ଅଭିବୃଦ୍ଧି ହାସଲ, ଦ୍ୱାରାନିତ୍ୱ ସର୍ବାଙ୍ଗିନ ଉନ୍ନତି, ଆଞ୍ଚଳିକ, ସାମାଜିକ ଓ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ଏବଂ ଦ୍ରୁତ ଦାରିଦ୍ର୍ୟ ହ୍ରାସ ନିମନ୍ତେ ରାଜ୍ୟ ସରକାର ଚେଷ୍ଟିତ ଅଚ୍ଛନ୍ତି । ରାଜ୍ୟର ଏକାଦଶ ପଞ୍ଚବାର୍ଷିକ ଯୋଜନା ନିମନ୍ତେ ୩୨,୨୨୫ କୋଟି ଟଙ୍କାର ଅଟକଳ କରାଯାଇଚ୍ଛି ଓ ହାରାହାରି ବାର୍ଷିକ ୯ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲର ଲକ୍ଷ୍ୟ ରଖାଯାଇଚ୍ଛି । ରାଜ୍ୟର ଯୋଜନା ଭିତ୍ତିକ ଉନ୍ନତି ନିମନ୍ତେ କ୍ରମଶଃ ଅଧିକ ପରିମାଣ ସମ୍ବଳର ବ୍ୟବସ୍ଥା ପାଇଁ ରାଜ୍ୟସରକାର ଅବିରତ ଉଦ୍ୟମ ଜାରି ରଖିଚ୍ଛନ୍ତି । ରାଜ୍ୟର ବାର୍ଷିକ ଯୋଜନା ଅଟକଳ ୨୦୦୭-୦୮ ଆର୍ଥିକ ବର୍ଷରେ ୫,୫୨୦ କୋଟି ଟଙ୍କା ଥିବାସ୍ଥଳେ ୨୦୧୦-୧୧ ରେ ଏହା ୧୧,୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଚ୍ଛି, ଯାହାକି ୯୯ ପ୍ରତିଶତ ବୃଦ୍ଧି ଅଟେ । ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ବର୍ଷୱାରୀ ରାଜ୍ୟ ଯୋଜନାର ଅନୁମୋଦିତ ବ୍ୟୟ ଅଟକଳ ଏବଂ ପ୍ରଥମ ୩ ବର୍ଷରେ ହୋଇଥିବା ଖର୍ଚ୍ଚର ପରିମାଣ ତଥା ୨୦୧୦-୧୧ ବର୍ଷରେ ଡିସେମ୍ବର ମାସ ପର୍ଯ୍ୟନ୍ତ ଖର୍ଚ୍ଚର ପରିମାଣ ନିମ୍ନ ସାରଣୀରେ ପ୍ରଦତ୍ତ ହୋଇଚ୍ଛି ।

## ରାଜ୍ୟ ଏକାଦଶ ପଞ୍ଚବାର୍ଷିକ ଯୋଜନା: ୨୦୦୭-୧୨ ର ବ୍ୟୟ ଅଟକଳ ଏବଂ ଖର୍ଚ୍ଚ

(କୋଟି ଟଙ୍କା)

| Year | Approved Outlay | Expenditure | % of expenditure to approved Outlay |
|---|---|---|---|
| 11th Five Year Plan: 2007-2012 | 32,225.00 | 26,612.32* | - |
| Annual Plan:2007-08 | 5,520.00 | 6,015.34 | 108.97 |
| Annual Plan:2008-09 | 7,500.00 | 7,506.25 | 100.08 |
| Annual Plan:2009-10 | 8,500.00 | 7,727.74 | 90.91 |
| Annual Plan:2010-11 | 11,000.00 | 5,362.99* | 48.75 |
| **Total 2007-08 to2010-11** | **32,520.00** | **26,612.32** | **81.83** |

*** Upto Dec.,2010**

୨.୨ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଓଡିଶା ରାଜ୍ୟ ପ୍ରଶଂସନୀୟ ଲକ୍ଷ୍ୟ ହାସଲ କରିପାରିଛି । ଦଶମ ପଞ୍ଚବାର୍ଷିକ ଯୋଜନାରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାରର ଲକ୍ଷ୍ୟ ୬.୨୦% ରଖାଯାଇଥିବା ସ୍ଥଳେ ଏହି ସମୟ ମଧ୍ୟରେ ବାର୍ଷିକ ହାରାହାରି ଅଭିବୃଦ୍ଧି୧୯୯୯-୨୦୦୦ ମୂଲ୍ୟ ଭିତ୍ତିରେ ୯.୫୧% ହୋଇଛି । ୨୦୦୯-୧୦ ଆର୍ଥିକ ବର୍ଷରେ, ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ୨୦୦୪-୦୫ ମୂଲ୍ୟରେ ୧୦.୫୭ ପ୍ରତିଶତ ହୋଇଛି । ହାସଲ । ଏକାଦଶ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ତିନିବର୍ଷ ମଧ୍ୟରେ ହାରାହାରି ବାର୍ଷିକ ଅର୍ଥନୈତିକ ଅଭିବୃଦ୍ଧି ହାର ୨୦୦୪-୦୫ ମୂଲ୍ୟ ଭିତ୍ତିରେ ୯.୫୭% ହାସଲ କରାଯାଇଛି ।

୨.୩ ଯୋଜନା ଓ ସମନ୍ୱୟ ବିଭାଗ ପୁଙ୍ଖାନୁପୁଙ୍ଖ ଭାବରେ ଓଡିଶା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୦୯-୧୦ କୁ ପରିବର୍ତ୍ତିତ କରିଅଛି, ଯାହାକି ପୂର୍ବ ରିପୋର୍ଟଗୁଡିକ ଅପେକ୍ଷା ଅଧିକ ତଥ୍ୟ ସମ୍ବଳିତ ଏବଂ ବିଶ୍ଳେଷଣାତ୍ମକ ହୋଇଅଛି । ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୦-୧୧ କୁ ଅଧିକ ପରିମାର୍ଜିତ ଓ ଉନ୍ନତ କରାଯାଇଛି ।

## ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF)

୨.୪ ଗ୍ରାମ୍ୟ ଭିତ୍ତି ଭୂମି ଉନ୍ନୟନ ପାଣ୍ଠି (RIDF) ଯୋଜନାରେ ୧୯୯୫-୯୬ ବର୍ଷ ଠାରୁ ନାବାର୍ଡ ବିଭିନ୍ନ ଜିଲ୍ଲାରେ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପ୍ରକଳପ ପାଇଁ କୋହଳ ଋଣ ସହାୟତା ଯୋଗାଇ ଆସୁଛନ୍ତି । ରାଜ୍ୟ ସରକାର RIDF XVI (୨୦୧୦-୧୧) ଅଧିନରେ ସମୁଦାୟ ୧୭,୫୧୪ଟି ପ୍ରକଳ୍ପ ପାଇଁ ୩,୬୬୧.୫୪ କୋଟି ଟଙ୍କାର ନାବାର୍ଡ ଋଣ ସହାୟତା ନିମନ୍ତେ ସୁପାରିଶ କରିଛନ୍ତି । RIDF- XVI ଅଧିନରେ ନାବାର୍ଡ ୫୯୩ଟି ପ୍ରକଳପ ମଂଜୁର କରିଛନ୍ତି ଯାହାର ଅଟକଳ ୮୩୦.୮୨ କୋଟି ଟଙ୍କା ଅଟେ ଏବଂ ଏହା ୧.୪.୨୦୧୦ ଠାରୁ କାର୍ଯ୍ୟକାରୀ ହେଉଅଛି ।

## ୩. ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ

୩.୧ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର, ଯୋଜନା ଓ ସମନ୍ୱୟ ବିଭାଗ, ଓଡିଶା ସରକାର ଅଧିନରେ କାର୍ଯ୍ୟ କରୁଅଛି । ୨୭ ଗୋଟି ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟ ଜୁନ୍ 2010 ପର୍ଯ୍ୟନ୍ତ କ୍ଷେତ୍ରରେ ଥିଲା । ରାଜ୍ୟ ସରକାର ସମସ୍ତ 30 ଗୋଟି ଜିଲ୍ଲାକୁ ପରିସଂଖ୍ୟାନ କାର୍ଯ୍ୟକାରିତା ଓ ସେବା ପହଞ୍ଚାଇବା ଲକ୍ଷ୍ୟରେ ନୂତନ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ (DPMU) ସୃଷ୍ଟି କରିଛନ୍ତି । ଏତଦ୍ ବ୍ୟତିତ ଏହି ନିର୍ଦ୍ଦେଶାଳୟ ଅଧିନରେ ଏକ ଆଞ୍ଚଳିକ ପ୍ରଶିକ୍ଷଣ ତାଲିମ ଅନୁଷ୍ଠାନ ଅଛି ଯେଉଁ ଠାରେ ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ କାର୍ଯ୍ୟାଳୟ ମାନଙ୍କରେ ଥିବା ପରିସଂଖ୍ୟାନ କର୍ମଚାରୀ ମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଥାଏ । ନିର୍ଦ୍ଦେଶାଳୟର ୨୦୧୦-୧୧ ବର୍ଷର ସାଫଲ୍ୟ ଓ ୨୦୧୧-୧୨ ବର୍ଷର କାର୍ଯ୍ୟକ୍ରମ ଲକ୍ଷ୍ୟର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

## କୃଷି ପରିସଂଖ୍ୟାନ

୩.୨ ଏହି ଯୋଜନା ଏକ ଶତ ପ୍ରତିଶତ କେନ୍ଦ୍ରୀୟ ସହାୟତା ଭିତିକ ଯୋଜନା। ଏହି ଯୋଜନା 1976-77 ଠାରୁ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା ରାଜ୍ୟରେ କାର୍ଯ୍ୟକାରୀ କରାଯାଉଅଛି। ଏହି ପରିକଳପନା ମୂଖ୍ୟ ଉଦେଶ୍ୟ ହେଲା, ବ୍ଲକ ସ୍ତରରେ ରାଜ୍ୟର ପ୍ରମୁଖ ଫସଲ, ଧାନର କ୍ଷେତ୍ରଫଳ, ଉତ୍ପାଦନ ଓ ଉତ୍ପାଦନ ହାରର ଅଟକଳ ନିର୍ଣ୍ଣୟ କରିବା ଓ ଜିଲ୍ଲା ସ୍ତରରେ ଅନ୍ୟ ୧୩ ଗୋଟି ଗୌଣ ଫସଲର ଅଟକଳ ପ୍ରସ୍ତୁତ କରବା । ଏହି ସର୍ଭେରେ ତଥ୍ୟାବଳୀକୁ ଆଧାରକରି ପ୍ରସ୍ତୁତ କରାଯାଇଥିବା ଅଟକଳକୁ କେନ୍ଦ୍ର ଓ ରାଜ୍ୟ ସରକାର ସରକାରୀ ତଥ୍ୟ ରୂପେ ଗ୍ରହଣ କରନ୍ତି ।

୨୦୧୦-୧୧ ମସିହାରେ ରାଜ୍ୟରେ ଭୋଦେଇର ୯୯୧୧ ନମୁନାର ଜମି ବିନିଯୋଗ ସର୍ଭେକାର୍ଯ୍ୟ ଶେଷ ହୋଇଅଛି ଓ ଶାରଦ ଋତୁର କାର୍ଯ୍ୟ ଚାଲିଅଛି । ସମସ୍ତ ୭୫୨୧ ଗୋଟି ଧାନ ଶସ୍ୟକାଟ ଓ ୮୨୨୮ ଗୋଟି ଭୋଦେଇ ଗୌଣ ଫସଲର ଶସ୍ୟକାଟ ପରୀକ୍ଷା ସମାପନ ହୋଇଅଛି । ଶାରଦ ଋତୁର ୯୨୯୨ ଗୋଟି ଶସ୍ୟକାଟ ପରୀକ୍ଷା କରାଯାଇଅଛି ଓ ଗୌଣ ଫସଲର ଶସ୍ୟକାଟ ଚାଲିଅଛି । ୨୦୧୦-୧୧ ର ଭୋଦେଇ ଋତୁ ଫସଲର କ୍ଷେତ୍ରଫଳ ଓ ଉତ୍ପାଦନ ହାର ଅଟକଳ କରାଯାଇ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଅଛି ।

୩.୩ ୨୦୧୧-୧୨ ବର୍ଷରେ ଧାନ ଓ ଅନ୍ୟାନ୍ୟ ଗୌଣ ଫସଲର ୫୬୦୦୦ ଗୋଟି ନମୁନା ଗ୍ରାମରେ ଶସ୍ୟକାଟ ପରୀକ୍ଷା ଓ ୧୦୦୦୦ ଗୋଟି ନମୁନା ଗ୍ରାମରେ ଜମି ବିନିଯୋଗ ସର୍ଭେ କରିବା ପାଇଁ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଯୋଜନା କରିଅଛନ୍ତି।

## ଶସ୍ୟ ପରିସଂଖ୍ୟାନ ଅଭିବୃଦ୍ଧି

୩.୪ ୧୯୭୬-୭୭ ବର୍ଷଠାରୁ ଏହି ପରିକଳପନା ଓଡିଶାରେ କାର୍ଯ୍ୟକାରୀ ହେଉଅଛି। କେନ୍ଦ୍ର ରାଜ୍ୟ ସରକାରଙ୍କ ଯୁଗ୍ମ ଉଦ୍ୟମରେ କୃଷି ପରିସଂଖ୍ୟାନ

ଯୋଜନାର କାର୍ଯ୍ୟକାରୀତାରେ ରହୁଥିବା ଅଭାବର ଅନୁସନ୍ଧାନ କରିବା ଉପରୋକ୍ତ ଯୋଜନାର ମୂଳ ଲକ୍ଷ୍ୟ ।

୩.୫ ୨୦୧୦-୧୧ ବର୍ଷରେ ଭୋଦେଇ ଋତୁର କୃଷି ପରିସଂଖ୍ୟାନ ଅଭିବୃଦ୍ଧି ଯୋଜନାରେ ପୂରଣ ହୋଇଥିବା ଅନୁସୂଚୀ ଗୁଡିକ ଜାତୀୟ ନମୁନା ସର୍ଭେସଂସ୍ଥା ଫରିଦାବାଦଙ୍କ ନିକଟକୁ ପ୍ରେରଣ କରାଯାଇଅଛି । କୃଷି ପରିସଂଖ୍ୟାନ ଅଭିବୃଦ୍ଧି ଯୋଜନାରେ ଶାରଦ ଋତୁ କାର୍ଯ୍ୟ ଚାଲିରହିଅଛି ଏବଂ ରବି ଋତୁ ପାଇଁ ସର୍ଭେକାର୍ଯ୍ୟ ମାର୍ଚ୍ଚ ୨୦୧୧ ଠାରୁ ଏବଂ ଖରିଫ ୨୦୧୧-୧୨ ପାଇଁ ଜୁଲାଇ ୨୦୧୧ ରେ ଆରମ୍ଭ ହେବ ।

**ଫଳ ଓ ପନିପରିବା**

୩.୬ କେନ୍ଦ୍ର ସରକାରଙ୍କ ଶତ ପ୍ରତିଶତ ସହାୟତାରେ ଉକ୍ତ ପରିକଳ୍ପନାଟି କାର୍ଯ୍ୟକାରୀ ହେଉଅଛି ଏହି ଯୋଜନାରେ କେତେକ ନିର୍ବାଚିତ ଫଳ ପନିପରିବା ମସଲା ସହିତ- କଦଳୀ, ଆମ୍ବ, କୋବି, ଟମାଟ, ହଳଦି, ପିଆଜ ପ୍ରଭୃତି ଶସ୍ୟର କ୍ଷେତ୍ରଫଳ ଓ ଉତ୍ପାଦନ ହାର ନିର୍ଣ୍ଣୟ କରାଯାଇଥାଏ ।

୩.୭ ୨୦୦୯-୧୦ କୃଷିବର୍ଷର ଫଳ ଓ ପନିପରିବା ସର୍ବେକ୍ଷଣ ଆୟତନ ଅଟକଳ, ସର୍ବେକ୍ଷଣ ଓ ଉତ୍ପାଦନ କାର୍ଯ୍ୟ ସମାପ୍ତ କରାଯାଇ ଭାରତ ସରକାରଙ୍କ ନିକଟକୁ ପଠାଯାଇଅଛି । କୃଷିବର୍ଷ ୨୦୧୦-୧୧ ପାଇଁ ଫଳ ଓ ପନିପରିବା ସର୍ବେକ୍ଷଣରେ ଭୋଦେଇ ଋତୁପାଇଁ ଜମି ବିନିଯୋଗ ସର୍ବେକ୍ଷଣ ଓ ଉତ୍ପାଦନ କାର୍ଯ୍ୟ ସମାପ୍ତ ହୋଇଅଛି ।

୩.୮ ୨୦୧୧-୧୨ ବର୍ଷରେ ଏହି ପରିକଳପନା ଚାଲୁରହିବ । ୨୦୧୧-୧୨ ବର୍ଷରେ ଫଳପାଇଁ ୧୮୦୦ଟି ନମୁନା ଓ ପନି ପରିବାପାଇଁ ୩୭୨୦ ଟି ନମୁନାର ଶସ୍ୟ କାଟ ପରୀକ୍ଷା ନିମିତ୍ତ ଧାର୍ଯ୍ୟ କରାଯାଇଅଛି ।

**କ୍ଷୁଦ୍ର ଜଳସେଚନ ସୁବ୍ୟବସ୍ଥା କରଣ**

୩.୯ କେନ୍ଦ୍ର ସରକାରଙ୍କର ପୃଷ୍ଠପୋଷକତାରେ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଜଳ ସେଚନ ସୁବ୍ୟବସ୍ଥା କରଣ ପରିକଳ୍ପନାଟି ରାଜ୍ୟରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଦ୍ୱାରା ପ୍ରସ୍ତାବିତ ସେଚିତ ଚାଷ ଜମିର ପରିମାଣ ଓ ଜଳ ସେଚିତ ଜମିର

ପ୍ରକୃତ କ୍ଷେତ୍ରଫଳର ବିବରଣୀ । ଏହାର ତ୍ରୟମାସିକ ଓ ବାର୍ଷିକ ବିବରଣୀ କେନ୍ଦ୍ର ସରକାରଙ୍କର ଜଳ ସଂପଦ ମନ୍ତ୍ରଣାଳୟକୁ ପଠାଯାଏ ।

୩.୧୦ ରାଜ୍ୟର କ୍ଷୁଦ୍ର ଜଳସେଚନ ସମ୍ବନ୍ଧୀୟ ତଥ୍ୟ ସଂକଳନ କାର୍ଯ୍ୟର ତ୍ରୟମାସିକ ରିପୋର୍ଟ ମାର୍ଚ୍ଚ ୨୦୧୦ , ଜୁନ୍ ୨୦୧୦ ଓ ସେପ୍ଟେମ୍ବର ୨୦୧୦ ପର୍ଯ୍ୟନ୍ତ ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କର ଜଳ ସଂପଦ ବିଭାଗକୁ ପଠାଯାଇଅଛି । ୨୦୧୧-୧୨ ବର୍ଷରେ ପ୍ରତି ତ୍ରୟମାସିକ ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବା ଚାଲୁରହିବ ।

୩.୧୧ ରାଜ୍ୟରେ ୪ର୍ଥ କ୍ଷୁଦ୍ର ଜଳସେଚନ ଗଣନା କାର୍ଯ୍ୟ ସମାପ୍ତ କରାଯାଇ ଏହାର ଭାଲିଡେଟେଡ୍ ତଥ୍ୟ କେନ୍ଦ୍ର ସରକାରଙ୍କର ଜଳ ସଂପଦ ବିଭାଗକୁ ପଠାଯାଇଅଛି । ଖୁବ୍ ଶିଘ୍ର ୪ର୍ଥ କ୍ଷୁଦ୍ର ଜଳସେଚନର ଫଳାଫଳ ପ୍ରକାଶନ ହେବା ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**କୃଷିଶ୍ରମ ମଜୁରୀ**

୩.୧୨ କୃଷିଶ୍ରମ ମଜୁରୀ ଓ କୃଷି ଉତ୍ପାଦନରେ ନିୟୋଜିତ କେତେକ ଦ୍ରବ୍ୟ ମୂଲ୍ୟର ମାସିକ ବିବରଣୀ ରାଜ୍ୟର ୮୯ ଗୋଟି କେନ୍ଦ୍ରରୁ ସଂଗ୍ରହ କରାଯାଇ ଏହାର ଏକତ୍ରି କରଣ ପରେ ମାସିକ ବିବରଣୀ ପ୍ରସ୍ତୁତ ହୋଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଏ ।

୩.୧୩ ୨୦୧୦-୧୧ ବର୍ଷରେ ରାଜ୍ୟର ୮୯ ଗୋଟି କେନ୍ଦ୍ରରୁ କୃଷିଶ୍ରମ ମଜୁରୀର ସଂଗୃହିତ ତଥ୍ୟ ଏକତ୍ରି କରଣ ପରେ ନଭେମ୍ବର ୨୦୧୦ ପର୍ଯ୍ୟନ୍ତ ପ୍ରଗତି ବିବରଣୀରେ ଲିପିବଦ୍ଧ କରାଯାଇ ଭାରତ ସରକାରଙ୍କ ନିକଟକୁ ପଠାଯାଇଅଛି । ଉପରୋକ୍ତ କାର୍ଯ୍ୟ ୨୦୧୧-୧୨ ମସିହାରେ ଚାଲୁରହିବ ।

**ସାର୍ବଜନୀନ ବିତ୍ତ**

3.14 ଓଡିଶା ବଜେଟରେ ଅନୁଧ୍ୟାନ ଓ ବିଶ୍ଳେଷଣ ଏହି ଉପ ବିଭାଗର ମୂଳ ଲକ୍ଷ୍ୟ ।

୩.୧୫ ଓଡିଶା ସରକାରଙ୍କ ବଜେଟର ଅର୍ଥ ନୈତିକ କୃତ୍ୟ ସମ୍ବନ୍ଧୀୟ ଶ୍ରେଣୀ ବିନ୍ୟାସ ବିବରଣୀର ଏକ କ୍ଷୁଦ୍ର ପୁସ୍ତିକା ଆର୍ଥିକ ବର୍ଷ ୨୦୦୬-୦୭, ୨୦୦୭-୦୮ (ସଂଶୋଧିତ ଅଟକଳ) ଏବଂ ୨୦୦୮-୦୯ ପାଇଁ ବଜେଟ ଅଟକଳ ସରକାରୀ ମୁଦ୍ରାଣାଳୟକୁ ପ୍ରକାଶନ ନିମନ୍ତେ ପଠା ଯାଇଅଛି। ୨୦୧୧-୧୨ ବର୍ଷରେ ରାଜ୍ୟ ବଜେଟର ଅର୍ଥନୈତିକ କୃତ୍ୟ ସମ୍ବନ୍ଧୀୟ ଶ୍ରେଣୀ ବିନ୍ୟାସ ବିବରଣୀର ଏକ କ୍ଷୁଦ୍ର ପୁସ୍ତିକା ୨୦୦୭-୦୮ (ହିସାବ) ୨୦୦୮-୦୯ ସଂଶୋଧିତ ଏବଂ 2009-10 (ବଜେଟ ଅଟକଳ) ପ୍ରକାଶନ କରାଯିବ । ରାଜ୍ୟ ବଜେଟର ଅର୍ଥନୈତିକ ଓ କୃତ ସମ୍ବନ୍ଧୀୟ ଶ୍ରେଣୀ ବିନ୍ୟାସ ବିବରଣୀର ବିସ୍ତୃତ ଅନୁଶୀଳନୀ ୨୦୦୮-୦୯ (ହିସାବ) ୨୦୦୯-୧୦ (ସଂଶୋଧିତ) ଅଟକଳ । ଚୁଡାନ୍ତ କରାଯାଇ କେନ୍ଦ୍ରୀୟ ପରିସଂଖ୍ୟାନ ସଂସ୍ଥା (CSO) କୁ ପଠାଯାଇଅଛି ।

**ରାଜ୍ୟ ଆୟ** ଆକଳନ

୩.୧୬ ଏହି ଯୋଜନାଟିର ମୁଖ୍ୟ ଉଦ୍ଦେଶ୍ୟ ହେଲା, ସରକାର ଓ ଯୋଜନାକାରୀଙ୍କ ଓ ଗବେଷକଙ୍କ ଆବଶ୍ୟକତା ପାଇଁ ରାଜ୍ୟ ଘରୋଇ ଉତ୍ପାଦନ (GSDP) ଓ ମୁଣ୍ଡପିଛା ରାଜ୍ୟ ଆୟ (ଉଭୟ ଚଳିତ ଓ ସ୍ଥିର ମୂଲ୍ୟରେ ପ୍ରତ୍ୟେକ ବର୍ଷର ସଂଶୋଧିତ ଅସ୍ଥାୟୀ ଓ କ୍ଷିପ୍ର ଅଟକଳର ପ୍ରସ୍ତୁତି କରଣ ।

୩.୧୭ ୨୦୦୪-୦୫ ଠାରୁ ୨୦୦୭-୦୮ ପର୍ଯ୍ୟନ୍ତ ରାଜ୍ୟ ଆୟର ତୁଳନାତ୍ମକ ଅଟକଳ ପ୍ରସ୍ତୁତ କରାଯାଇ, କେନ୍ଦ୍ରିୟ ପରିସଂଖ୍ୟାନ ସଂସ୍ଥା, ସହିତ ଯାଞ୍ଚ କରାଯାଇଅଛି ।

୩.୧୮ ୨୦୧୧-୧୨ ବର୍ଷରେ ୨୦୦୪-୦୫ ଠାରୁ ୨୦୦୮-୦୯ ପର୍ଯ୍ୟନ୍ତ ରାଜ୍ୟ ଆୟର ସଂଶୋଧିତ ଅଟକଳ, ୨୦୦୯-୧୦ ବର୍ଷପାଇଁ କ୍ଷିପ୍ର ଅଟକଳ ଓ ୨୦୧୦-୧୧ର ଅଗ୍ରୀମ ଅଟକଳର ପ୍ରସ୍ତୁତିକରଣ କରାଯିବ। ୨୦୦୮-୦୯ ବର୍ଷ ପାଇଁ ତୁଳାନାତ୍ମକ ଅଟକଳ ପ୍ରସ୍ତୁତ କରାଯାଇ କେନ୍ଦ୍ରୀୟ ପରିସଂଖ୍ୟାନ ସଂସ୍ଥା ସହିତ ଯାଞ୍ଚକରାଯିବ।

## ପୁଂଜି ଗଠନ

୩.୧୯ ନିର୍ଦ୍ଦେଶାଳୟର ଏହି ପରିକଳ୍ପନାଟି ଉଭୟ ସରକାରୀ ଓ ଘରୋଇ ଉଦ୍ୟୋଗ ପାଇଁ ଶିଳ୍ପ ଭିତ୍ତିଭୂମି ଅନୁଯାଇ ଓଡିଶାର ସାମଗ୍ରିକ ସ୍ଥିର ପୁଂଜି ଗଠନ ଅଟକଳ ପ୍ରସ୍ତୁତି କରାଯାଏ ।

୩.୨୦ ସରକାରୀ ଉଦ୍ୟୋଗ ପାଇଁ ଚଳିତ ମୂଲ୍ୟ ସୂଚୀରେ ସାମଗ୍ରିକ ପୁଂଜି ଗଠନ ଅଟକଳ କାର୍ଯ୍ୟ ୨୦୦୬–୦୭ ବର୍ଷ ର ଚଳିତ ମୂଲ୍ୟ ସୂଚୀରେ ସମ୍ପୂର୍ଣ୍ଣ ହୋଇ ଅନୁମୋଦନ ଲାଭ କରିଅଛି । ସ୍ୱଳ୍ପକାଳୀନ ଅଟକଳ ୨୦୦୭-୦୮ ବର୍ଷପାଇଁ ସାମଗ୍ରିକ ପୁଞ୍ଜି ଗଠନ ପ୍ରସ୍ତୁତ କରାଯିବ ।

୩.୨୧ ୨୦୧୧–୧୨ ବର୍ଷରେ ରାଜ୍ୟର ଘରୋଇ ଉତ୍ପାଦନ ନିର୍ମାଣ ଉଦ୍ୟୋଗ ପାଇଁ ଉଭୟ ଚଳିତ ଓ ସ୍ଥିର ମୂଲ୍ୟରେ ୨୦୦୯-୧୦ (ସ୍ୱଳ୍ପକାଳୀନ), ୨୦୦୮-୦୯ (ସଂଶୋଧିତ), ୨୦୧୦-୧୧ (କ୍ଷିପ୍ର) ଓ ୨୦୧୧-୧୨ (ଅଗ୍ରୀମ) ଅଟକଳ ପ୍ରସ୍ତୁତ କରାଯିବ ।

## ଜାତୀୟ ନମୁନା ସର୍ବେକ୍ଷଣ

୩.୨୨ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ୧୯୫୮–୫୯ ମସିହାରୁ ଜାତୀୟ. ନମୁନା ସର୍ବେକ୍ଷଣ କାର୍ଯ୍ୟକ୍ରମ ସହିତ ସଂଶ୍ଳିଷ୍ଟ ଅଟେ । ପ୍ରତିବର୍ଷ ଏହି ପରିକ୍ରମା ପର୍ଯ୍ୟାୟରେ ଜାତୀୟ ସ୍ତରୀୟ ସାମାଜିକ ଓ ଅର୍ଥନୈତିକ ସଂମ୍ବନ୍ଧୀୟ ତଥ୍ୟାବଳୀମାନ ସଂଗୃହିତ ହୋଇଆସୁଅଛି ।

୩.୨୩ ୬୬ତମ ଜାତୀୟ ନମୁନା ସର୍ବେକ୍ଷଣ ଗ୍ରାହକ ଖର୍ଚ୍ଚ ଓ ରୋଜଗାର-ବେରୋଜଗାର (ଜୁଲାଇ ୨୦୦୯ ଠାରୁ ଜୁନ୍ ୨୦୧୦) ସଂମ୍ପୂର୍ଣ୍ଣ ହୋଇଛି ଏବଂ ଏହାର ସର୍ବେକ୍ଷଣ ଫଳାଫଳ ଅନୁଶୀଳନ କରାଯାଉଛି, ୬୭ତମ ଜାତୀୟ ସର୍ବେକ୍ଷଣ ନମୁନା ଅମିଶ୍ରିତ ଅଣ କୃଷି ଉଦ୍ୟୋଗ ପାଇଁ ଚାଲୁଅଛି ଏବଂ ଏହା ଜୁନ୍ ୨୦୧୧ ରେ ସମାପ୍ତ ହେବ ।

## ଗ୍ରାମ୍ୟ ସୂଚୀପତ୍ର

୩.୨୪ ଗ୍ରାମ୍ୟ ସୂଚୀପତ୍ର ଯୋଜନାରେ ରାଜ୍ୟର ସମସ୍ତ ଗ୍ରାମ ମାନଙ୍କର ଅନ୍ତନିର୍ମାଣ ଓ ସୁବିଧା ସୁଯୋଗ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯାଏ । ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଏକ ନୂତନ ପରିକଳପନା "ମୌଳିକ ପରିସଂଖ୍ୟାନ ସ୍ଥାନୀୟ ସ୍ତରିୟ ଉନ୍ନତି" (BSLLD)

ଆରମ୍ଭ କରିଚ୍ଛନ୍ତି ଯାହାକି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଚାଲୁଥିବା ବିଭିନ୍ନ ଏବଂ ଭବିଷ୍ୟତ ପରିକଳପନା ପାଇଁ ଯୋଜନା, ପର୍ଯ୍ୟାଲୋଚନା ଓ କାର୍ଯ୍ୟାନ୍ୱୟନ ପାଇଁ ମୌଳିକ ପରିସଂଖ୍ୟାନ ରୂପେ ବ୍ୟବହାର କରାଯିବ।

୩.୨୫ ଆଞ୍ଚଳିକ ସ୍ତରରେ ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା, ଯୋଜନା ଗୁଡିକୁ ସଫଳତାର ସହ କାର୍ଯ୍ୟକାରୀ ଓ ତାହାର ସମୀକ୍ଷା କରିବା ନିମନ୍ତେ ଆବଶ୍ୟକୀୟ ମୌଳିକ ତଥ୍ୟ ଗୁଡିକର ସଂଗ୍ରହ ନିମନ୍ତେ ଉକ୍ତ ପ୍ରକଳ୍ପଟି ଉଦ୍ଦିଷ୍ଟ । ଏହି ପ୍ରକଳ୍ପଟି ଉକ୍ତ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରଥମକରି ଗଞ୍ଜାମ ଜିଲ୍ଲାରେ ୪୭୫ଟି ଗ୍ରାମ ପଞ୍ଚାୟତର ୩୨୧୨ଟି ଗ୍ରାମରେ କାର୍ଯ୍ୟକାରୀ ହୋଇଅଛି । ତଳ ସ୍ତରରୁ ତଥ୍ୟ ସଂଗ୍ରହ କାର୍ଯ୍ୟ ସମାପ୍ତ ହୋଇଅଛି ଏବଂ ଆଜି ସୁଦ୍ଧା ଶତକଡା ୭୫ ଭାଗ ତଥ୍ୟ ପଞ୍ଜିକରଣ ହୋଇଅଛି। ୨୦୧୧-୧୨ ବର୍ଷରେ ପଞ୍ଜିକରଣ ପରେ ରିପୋର୍ଟ ପ୍ରସ୍ତୁତି କରାଯିବ ।

**ମୂଲ୍ୟ**

୩.୨୬ ରାଜ୍ୟର ମୂଲ୍ୟ ପ୍ରସ୍ତୁତି ନିମନ୍ତେ ଗ୍ରାମଞ୍ଚଳ ଓ ସହରାଞ୍ଚଳରୁ ଖୁଚୁରା ପାଇକାରୀ ତଥ୍ୟ ସଂଗ୍ରହ କରାଯାଇଥାଏ ।

୩.୨୭ ତ୍ରୈମାସିକ ମୂଲ୍ୟ ଇସ୍ତାହାର ସେପ୍‌ଟେମ୍ବର ୨୦୧୦ ପର୍ଯ୍ୟନ୍ତ ପ୍ରକାଶିତ ହୋଇଅଛି। ଏହି ପ୍ରକାଶନ କାର୍ଯ୍ୟ ୨୦୧-୧୨ ବର୍ଷରେ ଚାଲୁ ରହିବ ।

**ଅର୍ଥନୀତି ସର୍ବେକ୍ଷଣ**

୩.୨୮ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ୨୦୧୦-୧୧ ପ୍ରସ୍ତୁତି ହୋଇଅଛି ଏବଂ ଏହା ୨୦୧୧ ରେ ଓଡିଶା ବିଧାନ ସଭା ବଜେଟ ଅଧିବେଶନରେ ଉପସ୍ଥାପନ କରାଯିବ । ୨୦୧୧-୧୨ ବର୍ଷରେ ଉପରୋକ୍ତ ରିପୋର୍ଟ ବିଧାନ ସଭାରେ ଉପସ୍ଥାପନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

**ସ୍ୱାୟତ୍ତ ଶାସନ ସଂସ୍ଥା**

୩.୨୯ ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗର ଏହି ଉପ ବିଭାଗଟି ରାଜ୍ୟରେ ଥିବା ୧୦୩ଟି ପୌର ସଂସ୍ଥାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରି ଏହି ତଥ୍ୟକୁ ଆଧାର କରି ପୌର ପରିସଂଖ୍ୟାନ ପୁସ୍ତିକା ପ୍ରକାଶନ କରିଥାଏ ।

୩.୩୦ ପୌରପରିସଂଖ୍ୟାନ ପୁସ୍ତିକା ୨୦୦୨-୦୩, ୨୦୦୩-୦୪ ଓ ୨୦୦୪-୦୫ ବର୍ଷର ୯ମ ସଂସ୍କରଣ ପ୍ରକାଶନ ହୋଇଅଛି । ୨୦୧୧-୧୨ ବର୍ଷରେ ୧୦ମ ସଂସ୍କରଣ ଯେଉଁଥିରେ ୨୦୦୫-୦୬, ୨୦୦୬-୦୭ ଏବଂ ୨୦୦୭-୦୮ ବର୍ଷର ତଥ୍ୟ ରହିଛି ତାହା ପ୍ରସ୍ତୁତି କରାଯାଇ ପ୍ରକାଶନ ହେବ ।

**ଶ୍ରମ ଓ ଲୋକ ଶକ୍ତି**

୩.୩୧ ଶ୍ରମଜିବୀ କ୍ଷତି ପୂରଣ ଅଧିନିୟମ ୧୯୨୩ର ୨୦୦୮ ମସିହା ପାଇଁ ସମସ୍ତ କ୍ଷତିପୂରଣ ଅଧିକାରୀମାନଙ୍କ ନିକଟରୁ ବିବରଣୀ ମାନ ସଂଗ୍ରହ କରାଯାଇ ଭାରତ ସରକାରଙ୍କର ଶ୍ରମସଂସ୍ଥା ସିମିଳାକୁ ପ୍ରେରଣ କରାଯାଇଅଛି । ୨୦୧୧-୧୨ ବର୍ଷରେ ଉପରୋକ୍ତ କାର୍ଯ୍ୟକ୍ରମ ଚାଲୁରହିବ ।

**କର୍ମଚାରୀ ଗଣନା**

୩.୩୨ ଅର୍ଥନୀତି ଓ ପରିସଂଖ୍ୟାନ ନୀର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର ୧୯୬୭ ମସିହା ଠାରୁ ଯୋଜନା ଓ ସମନ୍ୱୟ ବିଭାଗ, ଓଡିଶା ସରକାରଙ୍କର ନିର୍ଦ୍ଦେଶାନୁସାରେ ନିୟମିତ ବ୍ୟବଧାନରେ କର୍ମଚାରୀ ଗଣନା ରିପୋର୍ଟ ପ୍ରକାଶନ କରିଆସୁଅଛି । ଏହାର ମୂଳ ଲକ୍ଷ୍ୟ ହେଲା ରାଜ୍ୟ ସରକାରୀ ସଂସ୍ଥା, ପୌରସଂସ୍ଥା ମାନଙ୍କର ଚାକିରୀ ନୁଯୁକ୍ତି ଓ ଅନ୍ୟାନ୍ୟ ନିୟମ ଆକଳନ କରିବା ଏବଂ ଉକ୍ତ ସଂସ୍ଥାର କର୍ମଚାରୀ ସଂଖ୍ୟା, କର୍ମଚାରୀ ନିଯୁକ୍ତି, ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ପ୍ରକାଶ କରିବା ।

୩.୩୩ ସପ୍ତମ କର୍ମଚାରୀ ଗଣନା ପ୍ରକାଶନ ପରେ ଅଷ୍ଟମ କର୍ମଚାରୀ ଗଣନାର କାର୍ଯ୍ୟ ପ୍ରଗତି ପଥରେ ଚାଲିଅଛି ଓ ୨୦୧୧-୧୨ ବର୍ଷରେ ରିପୋର୍ଟ ପ୍ରକାଶନ ହେବ ।

**ପ୍ରକାଶନ**

୩.୩୪ ଏହି ଯୋଜନାରେ କୃଷି,ଜନସଂଖ୍ୟା, ଆୟତନ, ଶିଳ୍ପ ଓ ସାମାଜିକ ଓ ଅର୍ଥନୈତିକ ତଥ୍ୟ ସଂଗ୍ରହ କରାଯାଇ ପ୍ରକାଶନ ହୋଇଥାଏ ।

୩.୩୫ ୨୦୧୦-୧୧ ବର୍ଷରେ 'ଜିଲ୍ଲା ପରିସଂଖ୍ୟାନ ଅବଲୋକନ ପତ୍ରିକା ୨୦୧୧', 'ରାଜ୍ୟ ଅର୍ଥନୀତି ୨୦୦୯' ଓ 'ଓଡିଶାର ଲିଙ୍ଗଭେଦ' ପ୍ରକାଶନ

ହୋଇଅଛି । ୨୦୧୧-୧୨ ବର୍ଷରେ ସମସ୍ତ ୩୦ଟି ଜିଲ୍ଲାର 'ଜିଲ୍ଲା ଅବଲୋକନ ପତ୍ରିକା ୨୦୧୨', 'ଓଡିଶାର ପରିସଂଖ୍ୟାନ ଅବଲୋକନ ୨୦୦୯' ଓ 'ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା ୨୦୦୯' ପ୍ରକାଶନ କରାଯିବା ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

**ଶିଳ୍ପ**

୩.୩୬ ଓଡିଶାର ବାର୍ଷିକ ଶିଳ୍ପ ସର୍ବେକ୍ଷଣ କାର୍ଯ୍ୟ ଜାତୀୟ ନମୁନା ସର୍ବେକ୍ଷଣ ଅନୁଷ୍ଠାନର ସହଯୋଗରେ ଶିଳ୍ପ ସମ୍ବନ୍ଧୀୟ ତଥ୍ୟ ସଂଗୃହିତ ହୋଇ ଆସୁଅଛି । ରାଜ୍ୟ ଆୟରେ ଏହି ଶିଳ୍ପନୁଷ୍ଠାନ ମାନଙ୍କର ଆବେଦନ ନିର୍ଦ୍ଧାରଣ କରିବା ବିଭିନ୍ନ ଶିଳ୍ପାନୁଷ୍ଠାନ ମାନଙ୍କରେ ଶିଳ୍ପଭିତ୍ତିକ ବୃଦ୍ଧିହାର ଆକଳନ କରିବା ଉକ୍ତ ସର୍ବେକ୍ଷଣ ମୂଖ୍ୟ ଲକ୍ଷ୍ୟ ।

୩.୩୭ ବାର୍ଷିକ ସର୍ବେକ୍ଷଣ ୨୦୦୮-୦୯ ନିମିତ୍ତ ୩୪୧ଟି ରେଜିଷ୍ଟ୍ରି ଭୁକ୍ତ ଶିଳ୍ପାନୁଷ୍ଠାନରୁ ତଥ୍ୟ ସଂଗୃହିତ କାର୍ଯ୍ୟ କରାଯାଇଅଛି । ୨୦୧୧-୧୨ ବର୍ଷ ନିମିତ୍ତ ଏ.ଏସ୍.ଆଇ. ୨୦୦୯-୧୦ ବର୍ଷର ତଥ୍ୟ ସଂଗ୍ରହ କାର୍ଯ୍ୟ କରାଯାଇ ସମୀକ୍ଷା କରାଯିବ ।

**କୃଷି ଗଣନା**

୩.୩୮ ଭାରତ ସରକାରଙ୍କର ଶତପ୍ରତିଶତ ଆର୍ଥିକ ଅନୁଦାନ ସହାୟତାରେ ରାଜ୍ୟରେ କୃଷି ଗଣନା କାର୍ଯ୍ୟକ୍ରମ ପ୍ରତ୍ୟେକ ୫ ବର୍ଷ ବ୍ୟବଧାନରେ କାର୍ଯ୍ୟକାରୀ କରାଯାଏ । ଚାଷଜମି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା, ଜମି ବିନିଯୋଗ, ପଶୁ ଧନ ତଥ୍ୟ, କୃଷି ଭିତ୍ତିକ ଯନ୍ତ୍ରପାତି ଏବଂ ସାର ବିନିଯୋଗ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା ଏହାର ମୁଖ୍ୟଲକ୍ଷ୍ୟ ଅଟେ ।

୩.୩୯ ୨୦୧୦-୧୧ କୃଷି ବର୍ଷରେ ଅଷ୍ଟମ କୃଷି ଗଣନାର ଦ୍ୱୀତିୟ ପର୍ଯ୍ୟାୟ କୃଷି ଗଣନାର ଚୁଡାନ୍ତ ଫଳାଫଳ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦନ ଲାଭ କରିବାପରେ ତୃତୀୟ ପର୍ଯାୟ (ଉତ୍ପାଦନ ସର୍ଭେ) କାର୍ଯ୍ୟର ପଞ୍ଜିକରଣ ସମାପ୍ତ କରାଯାଇ ସାରଣୀ ପ୍ରସ୍ତୁତି ନିମନ୍ତେ ଭାରତ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଅଛି ।

୩.୪୦ ୨୦୧୧-୧୨ ବର୍ଷରେ ନବମ କୃଷି ଗଣନା କାର୍ଯ୍ୟକାରି କରାଯିବ ଏବଂ ଏହାର ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ଚାଷଜମି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କାର୍ଯ୍ୟ ରାଜ୍ୟରେ ଆରମ୍ଭ କରାଯିବ ।

**ଅର୍ଥନୀତିକ ଗଣନା**

୩.୪୧ ୫ମ ଅର୍ଥନୀତିକ ଗଣନା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର ଅନ୍ତର୍ଭୁକ୍ତ ଅଟେ, ଯାହାକି ୨୦୦୫-୦୬ ବର୍ଷରେ ଅନୁଷ୍ଠିତ କରାଯାଇ ଏହାର ରିପୋର୍ଟ ପ୍ରକାଶନ କରାଯାଇଅଛି । ରାଜ୍ୟର ଭୌଗଳିକ ପରିସୀମା ଅନ୍ତର୍ଗତ ଉଦ୍ୟୋଗକାରୀଙ୍କ କାର୍ଯ୍ୟକଳାପ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା ଏହି ଗଣନାର ମୁଖ୍ୟ ଲକ୍ଷ ଅଟେ ।

୩.୪୨ ୨୦୧୧-୧୨ ବର୍ଷରେ ୬ଷ୍ଠ ଅର୍ଥନୈତିକ ଗଣନା କାର୍ଯ୍ୟକାରୀ କରାଯିବ ।

**ଯୋଜନା ପ୍ରୟୋଗିକ ଅର୍ଥନୀତି ଓ ପରିସଂଖ୍ୟାନ ଆଞ୍ଚଳିକ ପ୍ରଶିକ୍ଷଣ ଶିକ୍ଷାକେନ୍ଦ୍ର**

୩.୪୩ ଏହି ଆଞ୍ଚଳିକ ତାଲିମ ଅନୁଷ୍ଠାନଟି ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଅଧିନରେ ରହି ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟ ମୁଖ୍ୟ ଦପ୍ତର ଓ ସରକାରୀ ଉଦ୍ୟୋଗରେ ପରିସଂଖ୍ୟାନ କର୍ମଚାରୀ ମାନଙ୍କୁ ତାଲିମ ଦେଇଥାଏ ।

୩.୪୪ ୨୦୧୦-୧୧ ବର୍ଷରେ ବିଭିନ୍ନ ପ୍ରକାରର ତାଲିମ ଯଥା ପ୍ରାଥମିକ ପରିସଂଖ୍ୟାନ ପ୍ରଶିକ୍ଷଣ ତାଲିମ, ଉଚ୍ଚ ପ୍ରଶିକ୍ଷଣ ତାଲିମ, ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷଣକାରୀଙ୍କ ନିମନ୍ତେ ଅଭିମୁଖୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ବଜେଟ୍ ବିଶ୍ଳେଷଣ ତାଲିମ, ସର୍ଭିସ୍ କୋଡ୍ ଓ ଅର୍ଥ ସମ୍ବନ୍ଧୀୟ ତାଲିମ, ରାଜ୍ୟ ଆୟ ଆକଳନ ତାଲିମ୍ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଅଛି ।

୩.୪୫ ୨୦୧୧-୧୨ ବର୍ଷରେ ବିଭିନ୍ନ ଅର୍ଥନୈତିକ ଓ ପରିସଂଖ୍ୟାନ ସମ୍ବନ୍ଧୀୟ ତାଲିମ୍ କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଅଛି ।

## ୪. ସ୍ୱତନ୍ତ୍ର ସ୍ଥାନ ଭିତ୍ତିକ ପ୍ରଚେଷ୍ଟା

### କେ.ବି.କେ. ଜିଲ୍ଲାଗୁଡିକ ନିମନ୍ତେ ସ୍ୱତନ୍ତ୍ର ଯୋଜନା

୪.୧ କେ.ବି.କେ. ଜିଲ୍ଲାଗୁଡିକରେ କାର୍ଯ୍ୟକାରୀ ହେଉଥିବା ସ୍ୱତନ୍ତ୍ର ଯୋଜନା ବାବଦକୁ ଆର୍ଥିକ ବର୍ଷ 2010-11 ପାଇଁ 250.00 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ମିଳିବାର ଲକ୍ଷ୍ୟ ନେଇ ଏକ ବାର୍ଷିକ ଯୋଜନା ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କ ଯୋଜନା ଆୟୋଗଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା । ମାତ୍ର କେନ୍ଦ୍ରସରକାର ପୂର୍ବ ବର୍ଷ ଭଳି 2010-11ର ଆର୍ଥିକ ବର୍ଷରେ 130.00 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିବାରୁ ଉକ୍ତ ଅର୍ଥକୁ କୃଷି, ଜଳସେଚନ, ବନୀକରଣ, ସହରାଞ୍ଚରେ ପାନୀୟ ଜଳ ଯୋଗାଣ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ସାମାଜିକ ଓ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା, ଗ୍ରାମ୍ୟ ସଂଯୋଗୀକରଣ, ସରକାରୀ ବାସଗୃହ ନିର୍ମାଣ ଓ ଜୀବିକା ନିର୍ବାହ ସମ୍ପର୍କିତ କାର୍ଯ୍ୟକ୍ରମ ଗୁଡିକରେ ବିନିଯୋଗ କରିବା ପାଇଁ ଯୋଜନାର ରୂପରେଖରେ ସଂଶୋଧନ କରାଯାଇ ସମ୍ପୃକ୍ତ ବିଭାଗମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି ।

### ବିଜୁ କେ.ବି.କେ. ଯୋଜନା

୪.୨ ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ବିଜୁ କେ.ବି.କେ. ଯୋଜନା ମାଧ୍ୟମରେ କେ.ବି.କେ. ଜିଲ୍ଲାଗୁଡିକୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବର୍ଷକୁ 120 କୋଟି ଟଙ୍କା ହିସାବରେ ଯୋଗାଇ ଦେବେ । 2010-11 ଆର୍ଥିକ ବର୍ଷପାଇଁ ବିଜୁ କେ.ବି.କେ. ଯୋଜନାରେ 120 କୋଟି ଟଙ୍କାକୁ ଉଭୟ State Sector ଏବଂ District Sector ରେ ସମସ୍ତ କେ.ବି.କେ. ଜିଲ୍ଲାକୁ ମଞ୍ଜୁରୀ ପ୍ରାପ୍ତ କରାଯାଇଛି । ସମସ୍ତ କେ.ବି.କେ. ଜିଲ୍ଲାମାନଙ୍କ ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଛି । **ବିଜୁଳି** (ଗ୍ରାମ୍ୟ ବିଦ୍ୟୁତିକରଣ ଓ ରାସ୍ତା ଘାଟରେ ବିଜୁଳି ଆଲୁଅ ବ୍ୟବସ୍ଥା), **ସଡକ** (ଗ୍ରାମ ମଧ୍ୟରେ କଂକ୍ରିଟ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ ସଂଯୋଗ) ଓ **ପାଣି** (ଜଳସେଚନ ଓ ପାନୀୟ ଜଳର ଉତ୍ସ ସୃଷ୍ଟି) ସଂପର୍କୀତ ପ୍ରକଳ୍ପ ଗୁଡିକୁ ସଂପୃକ୍ତ ଜିଲ୍ଲା ଯୋଜନା ମାନଙ୍କରେ ଅନ୍ତର୍ଭୁକ୍ତ କରାଯାଇ ବିନିଯୋଗ କରିବା ପାଇଁ ବ୍ୟବସ୍ଥା ହୋଇଛି ।

### ବିଜୁ କନ୍ଧମାଳ ଓ ଗଜପତି ଯୋଜନା

**୪.୩** କନ୍ଧମାଳ ଓ ଗଜପତି ଜିଲ୍ଲା ଦ୍ୱୟର ପ୍ରଗତିର ଧାରାକୁ ତ୍ୱରାନିତ କରାଇବା ଏବଂ ସେହି ଜିଲ୍ଲା ଗୁଡିକରୁ ଦାରିଦ୍ର୍ୟ ହ୍ରାସ କରିବାର ଆଭିମୁଖ୍ୟ ନେଇ ରାଜ୍ୟ ସରକାର ନିଜସ୍ୱ ସଂମ୍ବଳରୁ ଆର୍ଥିକ ବର୍ଷ 2009-10ରୁ **ବିଜୁ କନ୍ଧମାଳ ଓ**

**ଗଜପତି ଯୋଜନା** ନାମକ  ଏକ ନୂତନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। 2010-11 ଆର୍ଥିକ ବର୍ଷରେ ଏହି ଯୋଜନାରେ କନ୍ଧମାଳ ଜିଲ୍ଲାକୁ  ବାର୍ଷିକ 18.00 କୋଟି ଟଙ୍କା ଏବଂ ଗଜପତି ଜିଲ୍ଲାକୁ 10.50 କୋଟି ଟଙ୍କା ମଞ୍ଜୁରୀ ପ୍ରାପ୍ତ କରାଯାଇଛି। ଉକ୍ତ ଅର୍ଥକୁ ବିଜୁଳି, ସଡକ, ପାଣି, ଜିବୀକା ନିର୍ବାହ ଏବଂ ସାମାଜିକ ଓ ଖାଦ୍ୟ ନିରାପତ୍ତାର ବ୍ୟବସ୍ଥାଆଦି କାର୍ଯ୍ୟକ୍ରମରେ ବିନିଯୋଗ କରାଯାଉଛି ।

## ୫. ନିଯୁକ୍ତି ସୃଷ୍ଟି ପ୍ରଚେଷ୍ଟା

୫.୧ ରାଜ୍ୟ ସରକାର ବିଭିନ୍ନ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମନିଯୁକ୍ତି ତଥା ତତ୍‌ସଂଲଗ୍ନ ମଜୁରୀଭିତ୍ତିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ଏଥି ନିମନ୍ତେ " ରାଜ୍ୟ ନିଯୁକ୍ତି ନୀତି, 2005" ପ୍ରଣୟନ କରାଯାଇଛି  ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ "ଉଚ୍ଚକ୍ଷମତା ସମ୍ପନ୍ନ ନିଯୁକ୍ତି ମିଶନ" ଗଠନ କରାଯାଇଛି। ପୁନଶ୍ଚ ଫେବୃୟାରୀ, 2006ରେ ଗଠିତ ଓଡିଶା ରାଜ୍ୟ ନିଯୁକ୍ତି ମିଶନ ସୋସାଇଟି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଗୁଡିକ ପୂରଣ କରିବାରେ ସହାୟକ ହେଉଛି। ଓଡିଶା ରାଜ୍ୟ ନିଯୁକ୍ତି ମିଶନ ସୋସାଇଟି ନିର୍ଦ୍ଧାରିତ ଆଭିମୁଖ୍ୟକୁ ହାସଲ କରିବା ପାଇଁ ଜାତୀୟ ଲକ୍ଷ୍ୟ ରଖିଛି ।

୫.୨ ନିଯୁକ୍ତି ମିଶନ ବିଭିନ୍ନ ଉନ୍ନୟନ ବିଭାଗ ସହ ସମନ୍ୱୟ ସ୍ଥାପନକରି, ବିଭିନ୍ନ ଆତ୍ମ ନିଯୁକ୍ତି/ ବୈଷୟିକ/ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ ପାଇଁ ଅର୍ଥ ବ୍ୟବସ୍ଥା କରୁଅଛି। ଆରମ୍ଭରୁ ଅକ୍ଟୋବର, 2010 ପର୍ଯ୍ୟନ୍ତ 1,34,184 ଜଣଙ୍କୁ ବିଭିନ୍ନ ବିଷୟରେ ଧନ୍ଦାମୂଳକ, ବୈଷୟିକ ଏବଂ ଦକ୍ଷତା ବୃଦ୍ଧି ତାଲିମ୍ ନିଯୁକ୍ତି ମିଶନ ଜରିଆରେ ପ୍ରଦାନ କରାଯାଇଛି। ଏଥିରେ OCAC ଜରିଆରେ ଦିଆଯାଇଥିବା କମ୍ପ୍ୟୁଟର ତାଲିମ୍ ଅନ୍ତର୍ଭୁକ୍ତ। ବାଙ୍ଗାଲୋରରେ L & T- CSTI ଜରିଆରେ ବେକାର ଯୁବକ ଯୁବତୀଙ୍କୁ ରାଜମିସ୍ତ୍ରୀ ଓ ବଢେଇକାମରେ ଦକ୍ଷତା ବୃଦ୍ଧି ତାଲିମ୍ ଧାରାବାହିକ ଭାବେ ପ୍ରଦାନ କରାଯାଉଛି।

୫.୩ ନିଯୁକ୍ତି ମିଶନ ଦ୍ୱାରା ଏକ "ନିଯୁକ୍ତି ମେଳା" ବାରିପଦାରେ 2010ରେ ଆୟୋଜିତ ହୋଇଛି। ଏହି ମେଳାରେ 28ଟି କମ୍ପାନୀ ଓ 68000 ଜଣ ବେକାର ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ ଏବଂ 8447 ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା।

୫.୪ ଏତଦ୍ ବ୍ୟତୀତ ରାଜ୍ୟରେ କାର୍ଯ୍ୟକରୁଥିବା ବିଭିନ୍ନ ବ୍ୟାଙ୍କମାନେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଋଣ ସହାୟତା ଯୋଗାଇଦେବାରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି। ଏ ଦିଗରେ, ଅକ୍ଟୋବର ମାସ 2010 ସୁଦ୍ଧା ବ୍ୟାଙ୍କଗୁଡିକ 2,66,760 ଜଣ ବେକାର ଯୁବକ ଯୁବତୀଙ୍କୁ ଆତ୍ମ ନିଯୁକ୍ତି ତଥା ମଜୁରୀ ଭିତ୍ତିକ ନିଯୁକ୍ତି ସୁଯୋଗ ଯୋଗାଇ ଦେଇଛନ୍ତି।

୫.୫ ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମର ରାଜ୍ୟ ସ୍ତରୀୟ ପ୍ରଚାଳନ କମିଟି ଆତ୍ମ ନିଯୁକ୍ତି ତଥା ତତ୍ ସଂଲଗ୍ନ ମଜୁରୀ ଭିତ୍ତିକ ନିଯୁକ୍ତି ସୃଷ୍ଟି ବାବଦରେ ନିୟମିତ ସମୀକ୍ଷା କରୁଛନ୍ତି। ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଥିବା ସରକାରୀ ବିଭାଗ ଗୁଡିକୁ 2010-11 ପାଇଁ ଲକ୍ଷ୍ୟ ଜଣାଇ ଦିଆଯାଇଛି। ଏ ଦିଗରେ ଚଳିତ ବର୍ଷ ପାଇଁ 5.52 ଲକ୍ଷ ଆତ୍ମ ନିଯୁକ୍ତି ତଥା ତତ୍ ସଂଲଗ୍ନ ମଜୁରୀ ଭିତ୍ତିକ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସ୍ଥଳେ, ଅକ୍ଟୋବର ମାସ ସୁଦ୍ଧା 1.94 ଲକ୍ଷ ଆତ୍ମ ନିଯୁକ୍ତି ତଥା ତତ୍‌ସଂଲଗ୍ନ ମଜୁରୀ ଭିତ୍ତିକ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଇଛି।

## ୬. ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠି

୬.୧ ଏହି ପରିକଳ୍ପନା ଭାରତ ସରକାରଙ୍କଦ୍ୱାରା ୧୯୯୩-୯୪ ମସିହାରୁ ଆରମ୍ଭ ହୋଇଛି । ଏଥିପାଇଁ ଆରମ୍ଭରେ ପ୍ରତି ସାଂସଦ ନିର୍ବାଚନ ମଣ୍ଡଳୀ ପିଚ୍ଛା ୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଉଥିଲା । ୧୯୯୪-୯୫ ରୁ ୧୯୯୭-୯୮ ମଧ୍ୟରେ ଏହି ଅନୁଦାନ ପ୍ରତି ନିର୍ବାଚନ ମଣ୍ଡଳୀ ପିଚ୍ଛା ବାର୍ଷିକ ଏକ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା । ୨୦୦୦-୦୧ ରୁ ୨୦୦୮-୦୯ ପର୍ଯ୍ୟନ୍ତ ଏହି ଅନୁଦାନ ନିର୍ବାଚନ ମଣ୍ଡଳୀ ପିଚ୍ଛା ବାର୍ଷିକ ୨.୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ପାଣ୍ଠି ସିଧାସଳଖଭାବେ ଜିଲ୍ଲାପାଳଙ୍କ ନିକଟକୁ କେନ୍ଦ୍ର ସରକାରଙ୍କ ପାଖରୁ ଆସିଥାଏ । ଯୋଜନା ଓ ସମନ୍ୱୟ ବିଭାଗ ଏହାର ସମୀକ୍ଷା ଦାୟିତ୍ୱ ବହନ କରିଛନ୍ତି ।

## ୭. ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି

୭.୧ ବିଧାୟକ ମାନଙ୍କଦ୍ୱାରା ପ୍ରସ୍ତାବିତ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାରଙ୍କର ସାଂସଦ ଉନ୍ନୟନ ପରିକଳ୍ପନା ଢାଞ୍ଚାରେ ଓଡିଶା ସରକାର ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ପରିକଳ୍ପନା ୧୯୯୭-୯୮ ବର୍ଷରୁ ଆରମ୍ଭ କରିଛନ୍ତି। ଆର୍ଥିକ ବର୍ଷ ୧୯୯୭-୯୮ରେ ୭ କୋଟି ୩୫ ଲକ୍ଷ ଟଙ୍କା (ପ୍ରତି ନିର୍ବାଚନମଣ୍ଡଳୀକୁ ୫ ଲକ୍ଷ ହିସାବରେ) ଜିଲ୍ଲାମାନଙ୍କୁ ଦିଆ ଯାଇଥିଲା। ଏହି

କାର୍ଯ୍ୟକ୍ରମ ପାଇଁ ପାଣ୍ଠି ପର୍ଯ୍ୟାୟ କ୍ରମେ ବୃଦ୍ଧି କରାଯାଇ ବର୍ତ୍ତମାନ ନିର୍ବାଚନ ମଣ୍ଡଳୀପ୍ରତି ୧.୦୦ କୋଟି ଟଙ୍କା ହିସାବରେ ୧୪୭.୦୦ କୋଟି ଟଙ୍କା ୨୦୧୦-୧୧ ଆର୍ଥିକ ବର୍ଷରେ ଦେବା ପାଇଁ ସ୍ଥିର ହୋଇଛି । ଏ ସମ୍ପର୍କୀୟ ତଥ୍ୟ ନିମ୍ନରେ ପ୍ରଦତ୍ତ କରାଯାଇଛି ।

| Year | Total Funds Allocation (Rs. crore) | Share of each constituency (Rs. in lakh) |
|---|---|---|
| 1997-98 | 7.35 | 5.00 |
| 1998-99 | 14.70 | 10.00 |
| 1999-2000 | 22.05 | 15.00 |
| 2000-01 | 36.75 | 25.00 |
| 2001-02 | 58.80 | 40.00 |
| 2002-03 | 73.50 | 50.00 |
| 2003-04 | 73.50 | 50.00 |
| 2004-05 | 73.50 | 50.00 |
| 2005-06 | 73.50 | 50.00 |
| 2006-07 | 110.25 | 75.00 |
| 2007-08 | 110.25 | 75.00 |
| 2008-09 | 110.25 | 75.00 |
| 2009-10 | 110.25 | 75.00 |
| 2010-11 | 147.00 | 100.00 |

## ୮. ସ୍ୱତନ୍ତ୍ର ସମସ୍ୟା ଜନିତ ପାଣ୍ଠି

୮.୧ ରାଜ୍ୟ ସରକାର ୧୯୯୭-୯୮ ଆର୍ଥିକ ବର୍ଷଠାରୁ ସ୍ୱତନ୍ତ୍ର ସମସ୍ୟା ଜନିତ ପାଣ୍ଠି ପରିକଳ୍ପନାଟି ପ୍ରବର୍ତ୍ତନ କରିଛନ୍ତି । କ୍ଷୁଦ୍ର ଏବଂ ଦରକାରୀ ସ୍ୱତନ୍ତ୍ର ଧରଣର ସ୍ଥାନୀୟ ପ୍ରକଳ୍ପ ଯାହା ବିନା ପ୍ରଗତି ପ୍ରତିହତ ହେଉଛି, ସେହି ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବା ଏହି ପାଣ୍ଠିର ଲକ୍ଷ୍ୟ । ପ୍ରତିବର୍ଷ ଯୋଜନା ଓ ସମନ୍ୱୟ ବିଭାଗ ରାଜ୍ୟ ଯୋଜନା ବଜେଟ୍ ଅଟକଳରେ ଏହି ଅନୁଦାନବାବଦରେ ଅର୍ଥ ବରାଦ କରିଥାନ୍ତି । ଏହି ଅର୍ଥ ସ୍ୱତନ୍ତ୍ର ସମସ୍ୟା ଜନିତ ପାଣ୍ଠି ୨୦୦୩ ନିୟମାବଳୀ ଅନୁଯାୟୀ ବିଭିନ୍ନ ସ୍ୱତନ୍ତ୍ର ସମସ୍ୟା ଜନିତ ପ୍ରକଳ୍ପ ନିମନ୍ତେ ବ୍ୟୟ କରାଯାଏ । ବିଭିନ୍ନ ବର୍ଷରେ ଏହି ପାଣ୍ଠି ପାଇଁ ବ୍ୟୟ ବରାଦ ହୋଇଥିବା ଅର୍ଥର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| Year | Funds Provided (Rs. in lakh) |
|---|---|
| 1997-1998 | 93.27 |
| 1998-1999 | 100.00 |
| 1999-2000 | 100.00 |
| 2000-2001 | 500.00 |
| 2001-2002 | 300.00 |
| 2002-2003 | 1930.00 |
| 2003-2004 | 1000.00 |
| 2004-2005 | 1000.00 |
| 2005-2006 | 100.00 |
| 2006-2007 | 100.00 |
| 2007-2008 | 500.00 |
| 2008-2009 | 4000.00 |
| 2009-2010 | 2000.00 |
| 2010-2011 | 2000.00 |

## ୯. ଯୋଜନା ତଥ୍ୟ ପ୍ରକୋଷ୍ଠ

୯.୧ ଯୋଜନା ଓ ସମନ୍ୱୟ ବିଭାଗରେ ଯୋଜନା ତଥ୍ୟ ପ୍ରକୋଷ୍ଠ, ରାଜ୍ୟ ଯୋଜନା ପ୍ରଣୟନ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆବଶ୍ୟକୀୟ ମୌଳିକ ତଥ୍ୟ ଯୋଗାଇ ଦେଇଥାଏ । କେତେକ ନିୟମିତ ପ୍ରକାଶନ ଛଡା ଏହି ପ୍ରକୋଷ୍ଠ ଅନ୍ୟାନ୍ୟ ସଭା, କର୍ମଶାଳା ଏବଂ ବରିଷ୍ଠ ଅଧିକାରୀ ଓ ଉଚ୍ଚପଦାଧିକାରୀ ମାନଙ୍କ ଦ୍ୱାରା ନିଆଯାଇଥିବା ସମୀକ୍ଷା ବୈଠକ ଇତ୍ୟାଦି ପାଇଁ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେଇଥାଏ ।

୯.୨ ଏହି ପ୍ରକୋଷ୍ଠ 'ଓଡିଶା ଏକ ଅବଲୋକନ' (Orissa at a Glance) ପୁସ୍ତିକା ଯାହାକି ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସୂଚକାଙ୍କ ଉପରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରି ତାହାକୁ ନୂତନ ତଥ୍ୟ ସହିତ ନବୀକରଣ କରିଥିଲା ।

୯.୩ ଜିଲ୍ଲାୱାରୀ ଯୋଜନା ତଥ୍ୟ-୨୦୦୯ (District-wise Plan Information, 2009) ନାମକ ଏକ ପୁସ୍ତିକା ପାଇଁ ଏହି ପ୍ରକୋଷ୍ଠ କେତେଗୁଡିଏ ଅତିରିକ୍ତ ତଥ୍ୟ ସଂଗ୍ରହ କରି ଯୋଗାଇ ଦେଇଅଛି ।।

୯.୪ ଅବଶିଷ୍ଟ ସାମାଜିକ ଓ ଅର୍ଥନୈତିକ ସୂଚକାଂକ ଯଥା ବ୍ଲକୱାରୀ କେତେ ଶତାଂଶ ଗ୍ରାମକୁ ୨୦୦୯-୧୦ ସୁଦ୍ଧା କଂକ୍ରିଟ୍ ରାସ୍ତାଦ୍ୱାରା ସଂଯୋଗ କରାଯାଇଛି ଏବଂ କେତେ ଶତାଂଶ ଗ୍ରାମକୁ ଶୁଦ୍ଧ ପାନୀୟ ଜଳ ଦ୍ୱାରା ଯୋଗାଇ

ଦିଆଯାଇଛି ଇତ୍ୟାଦି ତଥ୍ୟ ଏହି ପ୍ରକୋଷ୍ଠ ସଂଗ୍ରହ କରି ପ୍ରତି ଜିଲ୍ଲାକୁ ଯୋଗାଇ ଦେଇଛି, ଯେଉଁ ତଥ୍ୟଗୁଡିକ ଜିଲ୍ଲା ୱେବ୍ ପୃଷ୍ଠାରେ ସ୍ଥାନ ପାଇବ ।

## ୧୦. ମୂଲ୍ୟାୟନ ପ୍ରକୋଷ୍ଠ

୧୦.୧ ମୂଲ୍ୟାୟନ ପ୍ରକୋଷ୍ଠ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ମୂଲ୍ୟାୟନ କରିଥାଏ । ଏହି ମୂଲ୍ୟାୟନ ସମୀକ୍ଷା ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟକ୍ରମର ସଫଳତାର ଆକଳନ ଏବଂ ଏଥିରେ ଆବଶ୍ୟକୀୟ ସଂଶୋଧନ ଆଣିବାରେ ସାହାଯ୍ୟ କରିଥାଏ ।

୧୦.୨ ମୂଲ୍ୟାୟନ ସମୀକ୍ଷାକୁ ନିରପେକ୍ଷ ଏବଂ ଗ୍ରହଣଯୋଗ୍ୟ କରିବା ଉଦ୍ଦେଶ୍ୟରେ ବାହ୍ୟ ସଂସ୍ଥାମାନଙ୍କଦ୍ୱାରା ମଧ୍ୟ ଏହା କରାଯାଉଅଛି । ନିକଟ ଅତୀତରେ ୧୬ଟି RLTAP କାର୍ଯ୍ୟକ୍ରମର ମୂଲ୍ୟାୟନ ସମୀକ୍ଷା ବାହ୍ୟ ସଂସ୍ଥାମାନଙ୍କ ଦ୍ୱାରା କରାଯାଇଥିଲା । ଆହୁରି ୧୩ଟି ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକ୍ରମର ମୂଲ୍ୟାୟନ ଏହି ବର୍ଷ କରାଯିବାର ପାଇଁ ସ୍ଥିର କରାଯାଇଛି ।

୧୦.୩ ସମସ୍ତ ବିଭାଗ ସେମାନଙ୍କର ପଞ୍ଚବାର୍ଷିକ ସମ୍ଭାବ୍ୟ ଯୋଜନା (Five Year Perspective Plan) ପ୍ରସ୍ତୁତ କରିସାରିଛନ୍ତି । ଏଥିରେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ଯୋଗ୍ୟ ଲକ୍ଷ୍ୟ ଦର୍ଶାଯାଇଅଛି । ଏହା ଯୋଜନା କାର୍ଯ୍ୟକ୍ରମର ସଠିକ୍ ମୂଲ୍ୟାୟନ କରିବାରେ ସହାୟ ହେବ ।

## ୧୧. ଯୋଜନାର ବିକେନ୍ଦ୍ରୀକରଣ

୧୧.୧ ସମ୍ବିଧାନର 73 ଓ 74ତମ ସଂଶୋଧନ ଅନୁଯାୟୀ ଓଡିଶା ସରକାର ରାଜ୍ୟରେ ଯୋଜନା ପ୍ରକ୍ରିୟାର ସଫଳ ବିକେନ୍ଦ୍ରୀକରଣ ନିମନ୍ତେ ସଂପୂର୍ଣ୍ଣ ଅଙ୍ଗୀକାର ବଦ୍ଧ ଅଟନ୍ତି । ଜିଲ୍ଲାସ୍ତରରେ ବିକେନ୍ଦ୍ରୀକରଣ ଯୋଜନାର ସଫଳ ରୂପାୟନ ନିମନ୍ତେ "ଓଡିଶା ଜିଲ୍ଲା ଯୋଜନା କମିଟି ଅଧିନିୟମ 1998" ଓ "ଓଡିଶା ଜିଲ୍ଲା ଯୋଜନା କମିଟି ନିୟମ 2000" ପ୍ରଣୟନ କରାଯାଇଛି । ଉପରୋକ୍ତ ଅଧିନିୟମ ଓ ନିୟମ ବଳରେ ଜିଲ୍ଲାର ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାମାନଙ୍କର ସଠିକ ପ୍ରତିନିଧିତ୍ୱ ସହ ସମସ୍ତ 30 ଗୋଟି ଜିଲ୍ଲାରେ ଜିଲ୍ଲା ଯୋଜନା କମିଟିମାନ ଗଠନ/ ପୂନର୍ଗଠନ କରାଯାଇଅଛି । ଜିଲ୍ଲା ଯୋଜନା କମିଟିଗୁଡିକର ନିୟମିତ ବୈଠକ ଆହୁତପୂର୍ବକ ଜିଲ୍ଲାର ବାର୍ଷିକ ଓ ପଞ୍ଚବାର୍ଷିକ ଉନ୍ନୟନ ଯୋଜନା ଚିଠା ପ୍ରସ୍ତୁତ କରିବା, ବିଭିନ୍ନ ଯୋଜନାର ସମୀକ୍ଷା ଓ ଜିଲ୍ଲା ଯୋଜନା କମିଟି ଉପରେ

ନ୍ୟସ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡିକ ସଂପାଦନ ନିମନ୍ତେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଯୋଜନା କମିଟିର ସଭ୍ୟ ସଂପାଦକମାନଙ୍କୁ ବିଭିନ୍ନ ସମୟରେ ଉପଯୁକ୍ତ ଅନୁଦେଶ ପ୍ରଦାନ କରାଯାଉଛି ।

୧୧.୨ ରାଜ୍ୟ ସରକାର ଜିଲ୍ଲାପାଳମାନଙ୍କୁ ଜିଲ୍ଲାର ବ୍ୟାପକ ବାର୍ଷିକ ଚିଠା ଜିଲ୍ଲା ଯୋଜନା: 2011-12 ର ପ୍ରସ୍ତୁତି ନିମନ୍ତେ ଉପଯୁକ୍ତ ଦିଗ୍‌ଦର୍ଶନାବଳୀ ଏବଂ ଫର୍ମମାନ ପ୍ରଦାନ କରିଛନ୍ତି । ଏହି ଚିଠା ପ୍ରସ୍ତୁତ କରାଯାଇଛି ଏବଂ ଏହା ଜିଲ୍ଲା ଯୋଜନା କମିଟିର ଅନୁମୋଦନ ଲାଭ କରିଅଛି ।

୧୧.୩ ରାଜ୍ୟର ବଛାବଛା 15 ଗୋଟି ଆଦିବାସୀ ଅଧ୍ୟୁଷିତ ଓ ଅନୁନ୍ନତ ଜିଲ୍ଲାଗୁଡିକ ପାଇଁ ସମନ୍ୱିତ କ୍ରିୟାଭିମୁଖୀ ଯୋଜନା ଚଳିତ ବର୍ଷଠାରୁ ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯାଉଅଛି । ଉକ୍ତ ଜିଲ୍ଲାଗୁଡିକର ନାମ ଯଥା - ବଲାଙ୍ଗୀର, ଦେଓଗଡ, ଗଜପତି, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନାଗିରି, ମୟୁରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ । ଜିଲ୍ଲାଗୁଡିକର ଆବଶ୍ୟକତା ଅନୁଯାୟୀ ମୌଳିକ ଭିତ୍ତିଭୂମିର ପ୍ରତିଷ୍ଠା ଏବଂ ସାଧାରଣ ଲୋକମାନଙ୍କର କଲ୍ୟାଣ ଦିଗରେ ଅନୁଭୁତ ଉନ୍ନତି ଓ ସୁସ୍ପଷ୍ଟ ପ୍ରଭାବ ସୃଷ୍ଟି କରିପାରୁଥିବାଭଳି ବାସ୍ତବାଭିମୂଖୀ ପ୍ରକଳ୍ପମାନ କାର୍ଯ୍ୟକାରୀପାଇଁ ପ୍ରତ୍ୟେକ ଜିଲ୍ଲା ଉକ୍ତ ଯୋଜନାରେ 25 କୋଟି ଟଙ୍କାର ବ୍ଲକ୍‌ଗ୍ରାଣ୍ଟ ପାଇଛନ୍ତି ।

୧୧.୪ ଜିଲ୍ଲା ଯୋଜନା ଉପକରଣ ସମୂହକୁ ଦୃଢୀଭୁତ କରିବା ପାଇଁ ରାଜ୍ୟ ସରକାର ଇତି ମଧ୍ୟରେ ସମସ୍ତ ଜିଲ୍ଲାରେ ଏହି ବିଭାଗୀୟ ନିର୍ଦ୍ଧାରଣ ସଂଖ୍ୟା ୮୪୨୯/ ଡି.ପି.ସି. ତା ୨୯.୦୬.୨୦୧୦ ରେ 'ଜିଲ୍ଲା ଯୋଜନା ପର୍ଯ୍ୟାଲୋଚନା ଏକକ' ଗଠନ କରିଛନ୍ତି । ଜିଲ୍ଲା ଯୋଜନା ପର୍ଯ୍ୟାଲୋଚନା ଏକକ ମୁଖ୍ୟତଃ ତିନିଗୋଟି ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ଦିଷ୍ଟ ଯଥା- ୧) ଜିଲ୍ଲା ଓ ଉପ ଜିଲ୍ଲା ତଥ୍ୟ ପଞ୍ଜିକରଣ ପାଇଁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ, ବିଶ୍ଳେଷଣ, ନବୀକରଣ ଓ ଏହାର ରକ୍ଷଣ ବେକ୍ଷଣ ଏବଂ ଏହାକୁ ଭିତ୍ତିକରି ଆଞ୍ଚଳିକ ଯୋଜନାର ପ୍ରସ୍ତୁତି କରଣ ୨) ଜିଲ୍ଲା ଯୋଜନା କମିଟି ଓ ପଞ୍ଚାୟତି ରାଜ ସଂସ୍ଥାକୁ ଆଞ୍ଚଳିକ ଯୋଜନା ପ୍ରସ୍ତୁତି କରଣ ଓ ଏକତ୍ରିକରଣ ରେ ସଚିବ ସ୍ତରୀୟ ଓ ବୈଷୟିକ ସହଯୋଗ ପ୍ରଦାନ ୩) ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା, ମୂଲ୍ୟାୟନ ଓ କାର୍ଯ୍ୟାନ୍ୱୟନରେ ଜିଲ୍ଲା ଯୋଜନା କମିଟିକୁ ସହାୟତା ପ୍ରଦାନ ।

## ୧୨. ବିଂଶସୂତ୍ରୀ କାର୍ଯ୍ୟକ୍ରମ

୧୨.୧ ରାଜ୍ୟ ସରକାର ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଯଥେଷ୍ଟ ଗୁରୁତ୍ୱାରୋପ କରୁଛନ୍ତି । 2006 ମସିହାରେ ସଂଶୋଧିତ ଏହି କାର୍ଯ୍ୟକ୍ରମ ଦରିଦ୍ର ଜନସାଧାରଣଙ୍କର ଜୀବନର ମାନଦଣ୍ଡ ବିକାଶ, ଗ୍ରାମ୍ୟ କର୍ମଯୋଗାଣ, ହରିଜନ ଓ ଆଦିବାସୀମାନଙ୍କର ବିକାଶ, ବାସଗୃହ, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ପାନୀୟ ଜଳଯୋଗାଣ, ଗ୍ରାମ୍ୟରାସ୍ତା ବ୍ୟବସ୍ଥାର ଉନ୍ନତିକରଣ, ଗ୍ରାମ୍ୟ ବିଦ୍ୟୁତୀକରଣ, ଭୂମିହିନମାନଙ୍କୁ ଜମି ବଣ୍ଟନ, ଖାଦ୍ୟ, ଖାଉଟି, ପରିବେଶ ସୁରକ୍ଷା, ଶିଶୁ ଶ୍ରମିକ ଉଚ୍ଛେଦ, ଇ-ଶାସନ ଏବଂ ଅର୍ଥନୈତିକ ଓ ଆୟରେ ଥିବା ଅସଙ୍ଗତି ଦୂରୀକରଣ ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । ଅଧିକାଂଶ କାର୍ଯ୍ୟପାଇଁ ଥିବା ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ସହ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ଏହାର ନିୟମିତ ଏବଂ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥାନ୍ତି । ଏହାଛଡା ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଏହାର 21 ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରତିମାସରେ ସମୀକ୍ଷା କରିଥାନ୍ତି ।

୧୨.୨ ଭାରତ ସରକାରଙ୍କ ନିକଟକୁ ପଠାଯାଇଥିବା ନଭେମ୍ବର ମାସର ଅଗ୍ରଗତି ରିପୋର୍ଟ ଅନୁଯାୟୀ, ଏପ୍ରିଲ୍‌ରୁ ନଭେମ୍ବର 2010 ମଧ୍ୟରେ (i) ଇନ୍ଦିରା ଆବାସ ଗୃହ (ii) ICDS ବ୍ଲକ୍ କାର୍ଯ୍ୟକାରିଣୀ (iii) ଅଙ୍ଗନବାଡି କାର୍ଯ୍ୟକ୍ରମ (iv) ଜଙ୍ଗଲ ଓ ସରକାରୀ ଜମିରେ ବନୀକରଣ, (v) ବୃକ୍ଷରୋପଣ (vi) ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଏବଂ (vii) ପମ୍ପସେଟ୍ ବିଦ୍ୟୁତିକରଣ କ୍ଷେତ୍ରରେ ରାଜ୍ୟର ସଫଳତା **"ସର୍ବୋତ୍ତମ"** ଏଥିରେ ସୂଚିତ ହେଉଚ୍ଛି ଯେ ଲକ୍ଷ୍ୟର ଶତକଡା 90 ପ୍ରତିଶତ ହାସଲ ହୋଇଅଚ୍ଛି ।

## ୧୩. ବହିଃଅନୁଦାନ ପ୍ରାପ୍ତ ପ୍ରକଳ୍ପ

୧୩.୧ ରାଜ୍ୟର ଉନ୍ନନୟନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆବଶ୍ୟକୀୟ ସମ୍ବଳରେ ଥିବା ଅଭାବ ପୁରଣ ପାଇଁ ରାଜ୍ୟସରକାର ବିଭିନ୍ନ ବହିଃ ଅନୁଦାନ ସଂସ୍ଥା ତଥା ଆନ୍ତର୍ଜାତୀୟ ଆର୍ଥିକ ସହାୟତା ପ୍ରଦାନକାରୀ ସଂସ୍ଥାମାନଙ୍କ ଠାରୁ ଆର୍ଥିକ ସହାୟତା ଲୋଡିଥାନ୍ତି। ଚଳିତ ଆର୍ଥିକ ବର୍ଷରେ ୧୦ଟି ବହିଃ ଅନୁଦାନ ପ୍ରକଳପ୍ ବିଶ୍ୱ ବ୍ୟାଙ୍କ, ଡି.ଏଫ୍.ଆଇ.ଡି. ଜାଇକା, ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ, କେ.ଏଫ.ଡବ୍ଲୁ.ଆଇ.ଫାଡ, ଡବ୍ଲୁ. ଏଫ.ପି. ଏବଂ

ଅନ୍ୟାନ୍ୟ ମିଳିତ ଜାତିସଙ୍ଘର ସଂସ୍ଥା ମାନଙ୍କର ସହାୟତାରେ କାର୍ଯ୍ୟକାରୀ କରାଯାଉଛି । ଏଥି ସହିତ ୧୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସ୍ତରରେ ଅଛି ।

୧୩.୨ ରାଜ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳ, ବିଦ୍ୟୁତ ଶକ୍ତି, ମତ୍ସ୍ୟଚାଷ, ଜଙ୍ଗଲ, ନିଯୁକ୍ତି ଇତ୍ୟାଦିର ଉନ୍ନତି ତଥା ଗରିବ ଲୋକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ନିମନ୍ତେ ବହିଃ ଅନୁଦାନ ଆହରଣ କରାଯାଇ ବିଭିନ୍ନ ପ୍ରକଳପରେ ବିନିଯୋଗ କରାଯାଉଅଛି । ସେହିପରି ଦକ୍ଷତା ବୃଦ୍ଧି ଓ ପ୍ରଶାସନିକ ସଂସ୍କାର ପାଇଁ ପ୍ରାଯୁକ୍ତିକ ସହାୟତା ମଧ୍ୟ ଗ୍ରହଣ କରାଯାଉଅଛି ।

୧୩.୩ 2010-୧୧ ବାର୍ଷିକ ଯୋଜନାରେ ୧୦ଟି ଚାଲୁଥିବା ପ୍ରକଳପ ଏବଂ ୧୪ଟି କାର୍ଯ୍ୟକାରିତାର ସ୍ତରରେ ଥିବା ବହିଃ ସହାୟତା ପ୍ରକଳପ ଗୁଡିକ ପାଇଁ ମୋଟ ୬୧୮.୧୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଅଛି ।

୧୩.୪ ୨୦୧୧-୧୨ ଆର୍ଥିକ ବର୍ଷପାଇଁ ୧୦ଟି ବହିଃ ସହାୟତା ପ୍ରକଳ୍ପ ପାଇଁ ୭୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଅଛି । ପ୍ରକଳ୍ପ ଗୁଡିକର ସମୟୋଚିତ କାର୍ଯ୍ୟକାରିତା ଏବଂ ଆନ୍ତଃ ବିଭାଗୀୟ ସମସ୍ୟା ଗୁଡିକର ଆଶୁ ସମାଧାନ ନିମନ୍ତେ ଉନ୍ନତମାନର ପର୍ଯ୍ୟାଲୋଚନା ପାଇଁ ବିଶେଷ ଦୃଷ୍ଟି ରଖାଯାଇଛି ।

## ୧୪. ପଶ୍ଚିମ ଓଡିଶା ବିକାଶ ପରିଷଦ (WODC)

୧୪.୧ ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରେ ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ କରାଯାଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦର କାର୍ଯ୍ୟ ପରିସର ୧୦ (ଦଶ)ଟି ଜିଲ୍ଲା ଯଥା- ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଝାରସୁଗୁଡା, କଳାହାଣ୍ଡି, ନୂଆପଡା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ ଏବଂ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଉପଖଣ୍ଡ ଅଟେ ।

୧୪.୨ ପଶ୍ଚିମ ଓଡିଶା ବିକାଶ ପରିଷଦ ଆଇନ ୨୦୦୦ର ବ୍ୟବସ୍ଥା ଆନୁସାରେ ରାଜ୍ୟ ସରକାର ଏହି ବିକାଶ ପରିଷଦକୁ ପ୍ରତିବର୍ଷ ୫୦ କୋଟି ଟଙ୍କା ସହାୟକ ଅନୁଦାନ ମଞ୍ଜୁର କରିଥିଲେ । ୨୦୦୮-୦୯ ଆର୍ଥିକ ବର୍ଷ ଠାରୁ ଏହି ଅନୁଦାନର ପରିମାଣ ୫୦.୦୦ କୋଟି ଟଙ୍କାରୁ ୧୦୦.୦୦ କୋଟି ଟଙ୍କା କୁ ବୃଦ୍ଧି

କରାଯାଇଚ୍ଛି । ଚଳିତ ଆର୍ଥିକ ବର୍ଷ ୨୦୧୦-୧୧ରେ ରାଜ୍ୟ ସରକାର ପଶ୍ଚିମ ଓଡିଶା ବିକାଶ ପରିଷଦକୁ ୧୦୦.୦୦ କୋଟି ଟଙ୍କା ଅନୁଦାନ ଦେଇଚ୍ଛନ୍ତି ।

୧୪.୩ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ ଅନୁଦାନରୁ ପରିଷଦ ଉକ୍ତ ଅଞ୍ଚଳର ବିକାଶ ନିମନ୍ତେ ପଶ୍ଚିମ ଓଡିଶା ବିକାଶ ପରିଷଦ ବିଭିନ୍ନ ପ୍ରକଳପ ଯଥା- ଗମନାଗମନ ଓ ଯୋଗାଯୋଗ, କୃଷି ଭିତ୍ତିକ ଉନ୍ନତି, କ୍ଷୁଦ୍ର ଜଳ ସେଚନ, ଚେକ୍‌ଡ୍ୟାମ୍ ନିର୍ମାଣ, ଉଠାଜଳ ସେଚନ ପ୍ରକଳପ ସ୍ଥାପନ, ପାଇପ୍ ଜଳ ଯୋଗାଣ ପ୍ରକଳପ, ନଳକୂପ ଖନନ, ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କ ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ସେବା, ଗ୍ରାମ୍ୟ ବିଦ୍ୟୁତକରଣ ଇତ୍ୟାଦି ନିୟମିତ କାର୍ଯ୍ୟକାରୀ କରୁଚ୍ଛନ୍ତି ।

୧୪.୪ ବିଗତ ୨୦୦୧-୦୨ ରୁ ୨୦୦୯-୧୦ ପର୍ଯ୍ୟନ୍ତ ପରିଷଦ ୯୩୭୨ଟି ପ୍ରକଳପ ନିମନ୍ତେ ୪୮୮.୭୮ କୋଟି ଟଙ୍କା ବ୍ୟୟ ଅଟକଳକୁ ପ୍ରଶାସନିକ ମଞ୍ଜୁରୀ ଦେଇ ବିଭିନ୍ନ କାର୍ଯ୍ୟ ନିର୍ବାହୀ ସଂସ୍ଥାମାନଙ୍କୁ ୪୭୭.୭୦ କୋଟି ଟଙ୍କା ପ୍ରଦାନ କରିଚ୍ଛନ୍ତି । ଚଳିତ ୨୦୧୦-୧୧ ଆର୍ଥିକ ବର୍ଷରେ ପରିଷଦ ୧୭୧୭ଟି ନୂତନ ପ୍ରକଳପ ନିମନ୍ତେ ୬୨.୮୧ କୋଟି ଟଙ୍କା ବ୍ୟୟ ଅଟକଳ ପ୍ରଶାସନିକ ମଞ୍ଜୁରୀ ଦେଇ ମୋଟ ୫୫.୬୫ କୋଟି ଟଙ୍କା ବିଭିନ୍ନ କାର୍ଯ୍ୟ ନିର୍ବାହୀ ସଂସ୍ଥା ମାନଙ୍କୁ ପ୍ରଦାନ କରିଚ୍ଛନ୍ତି । ଏହିପରି ବର୍ତ୍ତମାନ ସୁଦ୍ଧା ମୋଟ ୧୧୦୮୯ ଗୋଟି ପ୍ରକଳପ ପାଇଁ ୫୫୧.୫୯ କୋଟି ଟଙ୍କା ପ୍ରଶାସନିକ ମଞ୍ଜୁରୀ ଦେଇଚ୍ଛନ୍ତି ଓ ତନ୍ମଧ୍ୟରୁ ୫୭୦୩ ଗୋଟି ପ୍ରକଳପ ଅଦ୍ୟାବଧି ସଂପୂର୍ଣ୍ଣ ହୋଇଅଛି ।

୧୪.୫ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରେ ୨୦୧୦-୧୧ ବର୍ଷ,୪୪୩ଟି ରାସ୍ତାର ଉନ୍ନତି, କ୍ଷୁଦ୍ର ପୋଲ ଓ କଲଭର୍ଟ ନିର୍ମାଣ ସଂପୂର୍ଣ୍ଣ ହୋଇଅଛି । ଜଳସେଚନ କ୍ଷେତ୍ରରେ କ୍ଷୁଦ୍ର ଜଳସେଚନର ନବୀକରଣ, ନୂତନ ଚେକ୍‌ଡ୍ୟାମ ନିର୍ମାଣ ଓ ନୂତନ ଉଠା ଜଳସେଚନ ପ୍ରକଳପ ସ୍ଥାପନ କରାଯାଇ ଅତିରିକ୍ତ ୫୨୪୦ ଏକର ଆୟକଟ ସୃଷ୍ଟି କରାଯାଇଚ୍ଛି । ଏହି ବର୍ଷ ୭୭ ଗୋଟି ବିଦ୍ୟୁତକରଣ ପ୍ରକଳପ, ୧୬ ଗୋଟି ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ପ୍ରକଳପ, ୪୭୯ ଗୋଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଇଁ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଏବଂ ୨୦୯ଟି ନଳକୂପ ଓ ପାଇପ ଜଳ ଯୋଗାଣ ପ୍ରକଳପ ସଂପୂର୍ଣ୍ଣ ହୋଇଅଛି । ଏହି ବର୍ଷ ଚିପିଲିମା ଠାରେ ଏକ ଉଦ୍ୟାନ କୃଷି ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପିତ ହୋଇ ଦ୍ୱିତୀୟ ବର୍ଷରେ ଚାରିବର୍ଷିଆ ପାଠ୍ୟକ୍ରମ ପାଇଁ ୨୪ ଜଣ ଛାତ୍ରଛାତ୍ରୀଙ୍କୁ

ଗ୍ରହଣ କରାଯାଇଛି । ପୁର୍ଣ୍ଣାଙ୍ଗ ଗ୍ରାମ ଭିତ୍ତିରେ ବର୍ଷା ଜଳର ନିୟନ୍ତ୍ରଣ ଓ ପରିଚାଳନା ପାଇଁ ଏଥି ନିମିତ୍ତ ଏକ ନୂତନ ପରିକଳପନା ଯଥା 'ଭୂତଳ ପୁନଃ ପରିବର୍ତ୍ତନ ପରିକଳପନା' ସ୍ଥିରିକୃତ ହୋଇଛି । ଏଥିନିମିତ୍ତ ସୋନପୁର ଜିଲ୍ଲାର ପୁଆ ଗ୍ରାମକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୋନପୁର ଓ ବି.ବି. କନ୍‌ସଲଟେନ୍‌ସି, ଭୁବନେଶ୍ୱରଙ୍କ ତତ୍ତ୍ୱାବଧାନରେ ଆଦର୍ଶ ଗ୍ରାମଭାବରେ ନିଆଯାଇଛି ।

୧୪.୬ ପଶ୍ଚିମ ଓଡିଶା ବିକାଶ ପରିଷଦ ସହାୟତାରେ କଳାହାଣ୍ଡି ଜିଲ୍ଲାର ଜାରିଙ୍ଗ ଓ ସୁନ୍ଦରଗଡ ଜିଲ୍ଲାର ରାଉରକେଲାଠାରେ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଜାରିଙ୍ଗରେ ବର୍ତ୍ତମାନ ଏକ ୩୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ସହିତ ୭ ଶଯ୍ୟା ବିଶିଷ୍ଟ ଆ.ସି.ୟୁ. କାର୍ଯ୍ୟ କରୁଅଛି । ଏହି ୨ଗୋଟି କଲେଜ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ମାଗଣା ୨୫ ଏକର ଲେଖାଏଁ ସରକାରୀ ଜମି ଏବଂ ଭିତ୍ତିଭୂମିର ବିକାଶ ପାଇଁ ୧୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯାଉଛି ।

## ୧୫. ରାଜ୍ୟ ଯୋଜନା ବୋର୍ଡ

୧୫.୧ ରାଜ୍ୟ ସରକାର ଏହା ମଧ୍ୟରେ ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ କରିଅଛନ୍ତି । ଏଥିରେ ନିମ୍ନଲିଖିତ ସଦସ୍ୟମାନଙ୍କୁ ମନୋନୀତ କରାଯାଇଅଛି ।

| | | |
|---|---|---|
| ୧. ଅଧ୍ୟକ୍ଷ<br>(Chairman) | - | ଶ୍ରୀଯୁକ୍ତ ନବିନ ପଟ୍ଟନାୟକ,<br>ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା |
| ୨. ଉପାଧ୍ୟକ୍ଷ<br>(DeputyChairman) | - | ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ନାଏକ |
| ୩. ସଭ୍ୟ<br>(Member) | - | ମାନ୍ୟବର ମନ୍ତ୍ରୀ, ଯୋଜନା ଓ ସମନ୍ୱୟ |
| ୪. ପ୍ରବୀଣ ସଭ୍ୟ<br>(Expert Member) | - | (୧) ଡା. ପୁଲିନ୍ ବିହାରୀ ନାୟକ<br>ପ୍ରଫେସର, ଅର୍ଥନୀତି<br>(୨) ଡା. ଦାମୋଦର ଆଚାର୍ଯ୍ୟ,<br>ନିର୍ଦ୍ଦେଶକ, ଆଇ.ଆଇ.ଟି., ଖଡଗପୁର |
| ୫. ମୁଖ୍ୟ ସମାଜସେବୀ<br>(Eminent Social | - | (୧) ମି. ଏ.ଭି.ସ୍ୱାମୀ,<br>ବି.ଆଇ.ଏସ୍.ଡବ୍ଲୁ.ଏ.ଏସ୍., ନୂଆପଡା |

| | | |
|---|---|---|
| Workers) | | (୨) ମି. ଯୋଏ ମାଦିଆଥ୍, ଗ୍ରାମ ବିକାଶ<br>(୩) ମି. ଦୁର୍ଯୋଧନ ମାଝୀ,<br>ପୂର୍ବତନ ମନ୍ତ୍ରୀ<br>(୪) ମି. ଯୋଗେନ୍ଦ୍ର ବେହେରା<br>ପୂର୍ବତନ, ବିଧାୟକ<br>(୫) ଶ୍ରୀମତୀ ସ୍ନେହାଙ୍ଗିନି ଛୁରିଆ, ବରଗଡ |
| ୬. ଶିଳ୍ପପତି<br>(Industrialist) | - | ଡା. ଶରତ କୁମାର ସାହୁ । |
| ୭. ସରକାରୀ ସଭ୍ୟ<br>(Official Members) | - | (୧) ମୁଖ୍ୟ ଶାସନ ସଚିବ<br>(୨) ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ<br>(୩) ଉନ୍ନୟନ କମିଶନର / ଅତିରିକ୍ତ ଉନ୍ନୟନ କମିଶନର<br>ସଭ୍ୟସଚିବ (Member Secretary) |

## ୧୬. ସରକାର ବେସରକାର ଭାଗୀଦାରି (PPP)

୧୬.୧ ରାଜ୍ୟରେ ଉଚ୍ଚଗୁଣବତ୍ତାର ଭୌତିକ ଏବଂ ସାମାଜିକ ଭିତ୍ତିଭୂମି ବିକାଶରେ ବେସରକାରୀ ସଂସ୍ଥାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଓଡିଶା ସରକାର ସ୍ୱୀକାର କରନ୍ତି। ରାଜ୍ୟରେ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ବେସରକାରୀ ଉଦ୍ୟମକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର "ସରକାର-ବେସରକାର ଭାଗୀଦାରି (PPP)" ନୀତି ଜାରିକରିଛନ୍ତି।

୧୬.୨ ରାଜ୍ୟରେ PPP କାର୍ଯ୍ୟକ୍ରମରେ ସମନ୍ୱୟ ଆଣିବା ପାଇଁ ଯୋଜନା ଓ ସମନ୍ୱୟ ବିଭାଗରେ, ଜଣେ ସ୍ୱତନ୍ତ୍ର ଶାସନ ସଚିବଙ୍କ ଅଧିନରେ ପି.ପି.ପି. ପ୍ରକୋଷ୍ଠ ( PPP Cell) ଗଠନ କରାଯାଇଅଛି। "ଓଡିଶା ପି.ପି.ପି. ବୈଷୟିକ ସୋସାଇଟି" ନାମରେ ଏକ ସୋସାଇଟି ଗଠନ କରାଯାଇ ଏହାର ରେଜିଷ୍ଟ୍ରିକରଣ କରାଯାଇଛି। ଓଡିଶା ପି.ପି.ପି.-୨୦୦୭ ପଲିସି ଅନୁଯାୟୀ ଏହି ସୋସାଇଟି ପି.ପି.ପି. ପ୍ରକୋଷ୍ଠକୁ ସହାୟତା କରିବା ସଙ୍ଗେ ସଙ୍ଗେ ଏହାର ବୈଷୟିକ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରିବ। ମାନ୍ୟବର ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ଏହାର ସଭାପତି, ମୁଖ୍ୟ ଶାସନ ସଚିବ, ଉପସଭାପତି ଏବଂ ପି.ପି.ପି. ସଚିବ ଏହାର ପରିଚାଳନା ନିର୍ଦ୍ଦେଶକ ଓ ସଭ୍ୟ ସଂପାଦକ ଅଛନ୍ତି। ଏହାଛଡା ପ୍ରତ୍ୟେକ ବିଭାଗରେ ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ତତ୍ୱାବଧାନରେ ପି.ପି.ପି.

ପ୍ରକୋଷ୍ଠ ଗଠନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଏହି ପ୍ରକୋଷ୍ଠ ବିଭାଗୀୟ ପି.ପି.ପି. ପ୍ରକଳ୍ପଗୁଡିକର କାର୍ଯ୍ୟକଳାପ ତଦାରଖ କରିବା ସଙ୍ଗେ ସଙ୍ଗେ ରାଜ୍ୟ ପି.ପି.ପି. ପ୍ରକୋଷ୍ଠ ସାଙ୍ଗରେ ସମନ୍ୱୟ ରକ୍ଷା କରିବ ।

୧୬.୩ ପି.ପି.ପି. ପ୍ରକୋଷ୍ଠ ବିଭିନ୍ନ ବିଭାଗ ମାନଙ୍କ ସହାୟତାରେ ୬୧ଟି ପ୍ରକଳ୍ପ ପ୍ରସ୍ତାବ ରଖିଛନ୍ତି । ସେଗୁଡିକ ମଧ୍ୟରୁ ବିଭିନ୍ନ ପ୍ରକଳ୍ପ ବିଭିନ୍ନ ସ୍ତରରେ କାର୍ଯ୍ୟକାରୀତା ଅପେକ୍ଷାରେ ଅଛନ୍ତି । ପି.ପି.ପି. ପ୍ରକୋଷ୍ଠର କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମିତ୍ତ ଏ.ଡି.ବି (ADB)ର ବୈଷୟିକ ସହାୟତା ପାଇବାପାଇଁ ଓଡିଶା ସରକାର ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର ବିଭାଗ ସହିତ ଏକ ବୁଝାମଣା ପତ୍ର (MoU) ସ୍ୱାକ୍ଷର କରିଛନ୍ତି । ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମକୁ 2011-12 ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବାପାଇଁ ସ୍ଥିର କରିଛନ୍ତି । ରାଜ୍ୟ ସରକାର ଏକ ନୂତନ ପରିକଳପନା "State Viability Gap Funding" ର ଶୁଭାରମ୍ଭ କରିଛନ୍ତି । ଏଥି ପାଇଁ ପ୍ରଥମ ପର୍ଯ୍ୟାୟରେ 2011-12 ଆର୍ଥିକ ବର୍ଷରେ 100.00 କୋଟି ଟଙ୍କାର ପାଣ୍ଠିର ବ୍ୟବସ୍ଥା କରିଛନ୍ତି ।

*****